
# ନୀଳାଚଳ ଭଜନମାଳା

*nILAchaLa bhajanamALA*



www.odia.org

ନୀଳାଚଳ ଭଜନମାଳା
*Odia spiritual books #**1003***
***ver 1.0_100107***

*Publisher :- www.odia.org*
*Price :- Priceless*

*Not for any business use*

## ସୂଚୀପତ୍ର


| | | |
|---|---|---|
| ୧. | ବଳଦେବ ସ୍ତୁତି, ସୁଭଦ୍ରାସ୍ତୁତି, ଜଗନ୍ନାଥସ୍ତୁତି | ୧ |
| ୨. | ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ଅଷ୍ଟକମ୍ | ୧ |
| ୩. | ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକଂ (ଶଙ୍କରାଚାର୍ଯ୍ୟ) | ୨ |
| ୪. | ଶ୍ରୀ ସରସ୍ୱତୀ-ସ୍ତୁତି | ୩ |
| ୫. | ଶ୍ରୀ ଶ୍ରୀ ବିମଳାଷ୍ଟକମ୍ | ୪ |
| ୬. | ଦଶାବତାର (ଜୟଦେବ) | ୫ |
| ୭. | ଆହେ ନୀଳଶଇଳ (ସାଲବେଗ) | ୫ |
| ୮. | ଶ୍ରୀ ପୁରୁଷୋତ୍ତମ ଯିବା ମନ | ୬ |
| ୯. | ଥକାମନ ଚାଲ ଯିବା (ସାରିଆ ଭିକ) | ୬ |
| ୧୦. | ଜଗବନ୍ଧୁ ପରି ଜଣେ ସାମନ୍ତ (ଦୀନକୃଷ୍ଣ ଦାସ) | ୭ |
| ୧୧. | ଜୟ ଜୟ ଜଗନ୍ନାଥ (ଦୀନକୃଷ୍ଣ ଦାସ ) | ୭ |
| ୧୨. | କାହାକୁ ମୁଁ କରିବଇଁ ସାକ୍ଷୀ (ସାନନ୍ଦ ଦ୍ୱିଜ) | ୮ |
| ୧୩. | ପତିତପାବନ ବାନା (ଗଜପତି ବୀରକେଶରୀ ଦେବ ) | ୮ |
| ୧୪. | ଭୁଜତଳେ ମୋତେ ରଖ ମହାବାହୁ (ବୀରକେଶରୀ ଦେବ) | ୯ |
| ୧୫. | ମଣିମା ଶୁଣିମା ହେଉ (ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା) | ୯ |
| ୧୬. | ଦୁଃଖ ନାଶନ ହେ (ବନମାଳୀ ଦାସ) | ୧୦ |
| ୧୭. | ପ୍ରଭୁ କି ସୁନ୍ଦର ଦିଶ (କବି ଆର୍ତ୍ତ ଦାସ) | ୧୦ |
| ୧୮. | ପତିତପାବନ ବାନା (ଆର୍ତ୍ତ ଦାସ) | ୧୧ |
| ୧୯. | ପତିତ ଜନଙ୍କୁ ଉଦ୍ଧାରିବା ପାଇଁ (ନିତ୍ୟାନନ୍ଦ ଦାସ) | ୧୧ |
| ୨୦. | କେହି ସରିକି (କବିସୂର୍ଯ୍ୟ ବଳଦେବ ରଥ) | ୧୨ |
| ୨୧. | କୋଠ ଭୋଗଖିଆ (ଖିରୋଦ ଚନ୍ଦ୍ରପୋଥାଳ) | ୧୨ |
| ୨୨. | ଚକାନୟନକୁ ପତିତ କେହି (ଚନ୍ଦନ ହଜୁରୀ ) | ୧୩ |
| ୨୩. | ଆହେ ନୀଳଗିରି (ସାଲବେଗ) | ୧୪ |
| ୨୪. | ଚନ୍ଦନ ଲାଗି ସମୟେ (ଶ୍ରୀ ଚନ୍ଦନ ) | ୧୪ |
| ୨୫. | ଚକାଡୋଳା ଚିକ୍କଣ କଳା (ଭରତ ଦାସ) | ୧୫ |
| ୨୬. | ଜଗବନ୍ଧୁ ରଥାଙ୍ଗ ପାଣି (ହରେକୃଷ୍ଣ ସିଂହ ଯୁବରାଜ) | ୧୫ |
| ୨୭. | ଦୟାକର ଦୀନବନ୍ଧୁ (ରାମକୃଷ୍ଣ ପଟ୍ଟନାୟକ କବିଚନ୍ଦ୍ର ) | ୧୬ |
| ୨୮. | ପ୍ରଭୁ ନୀଳାଦ୍ରିବିହାରୀ (ଦିବ୍ୟସିଂହ ଦେବ) | ୧୬ |
| ୨୯. | କୃପାସିନ୍ଧୁ ଦୀନବନ୍ଧୁ (ଗୋବିନ୍ଦ ଭଞ୍ଜ) | ୧୭ |
| ୩୦. | ଅନୁସରିତ (କବି ଗୋପାଳକୃଷ୍ଣ) | ୧୭ |
| ୩୧. | ଦୁଃଖନାଶନ ଗରୁଡାସନ ହରି (ଗୌରଚରଣ ଅଧିକାରୀ) | ୧୮ |
| ୩୨. | ସତେକି ଏ ଜୀବଯିବ (ଅଚ୍ୟୁତାନନ୍ଦ) | ୧୮ |
| ୩୩. | ଦେଖ ଗୋ ! ରାଧା ମାଧବ ଚାଲି (ବନମାଳୀ) | ୧୯ |
| ୩୪. | ଆହେ ଦୟାମୟ ବିଶ୍ୱ ବିହାରୀ | ୧୯ |

## ବଳଦେବ ସ୍ତୁତି

ଦୋର୍ଭ୍ୟାଂ ଶୋଭିତଲାଙ୍ଗଳଂ ସମୂଷଳଂ କାଦମ୍ବରୀଚଞ୍ଚଳଂ
ରତ୍ନାଡମ୍ବରକୁଣ୍ଡଳଂ ଭୂଜବଳୈରାକାନ୍ତ ଭୂମଣ୍ଡଳମ୍
ବକ୍ତ୍ରାଭାମରଚାରୁଗଣ୍ଡଯୁଗଳଂ ନାଗେନ୍ଦ୍ର ଚୂଡୋଜ୍ଜ୍ୱଳମ୍
ସଂଗ୍ରାମେ ଚପଳଂ ଶଶାଙ୍କଧବଳଂ ଶ୍ରୀକାମପାଳଂଭଜେ

## ସୁଭଦ୍ରାସ୍ତୁତି

ନାନାଭୂଷଣଭୂଷିତାଂ ସୁମନସାମାନନ୍ଦକଲ୍ଲୋଳିନୀଂ
ଫୁଲ୍ଲେନ୍ଦୀବରନୀଳନୟନାଂଶ୍ରୀରାମକୃଷ୍ଣାନୁଜାଂ
ସର୍ବାଭୀଷ୍ଟବିଧାନଦୀନନିରତାଂ ତ୍ରୈଲୋକ୍ୟସଂମୋହିନୀଂ
ଦେବେଶୀଂଭବଦୁଃଖଦାହଶମନୀଂ ଦେବୀଂ ସୁଭଦ୍ରାଂଭଜେ

## ଜଗନ୍ନାଥସ୍ତୁତି

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ
ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂସ୍ଥିତଂଚାଗ୍ରଜେନ
ଭଦ୍ରାୟାଃ ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ
ବେଦାନାଂ ସାରମେକଂସକଳଗୁନଜୁତଂ ବ୍ରହ୍ମଦାରୁ ସ୍ମରାମି

## ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ଅଷ୍ଟକମ୍

*ଇନ୍ଦ୍ର ଉବାଚଃ*

ନମସ୍ତେସ୍ତୁ ମାହାମାୟେ ଶ୍ରୀପୀଠେ ସୁରପୂଜିତେ
ଶଙ୍ଖ ଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମସ୍ତୁତେ
ନମସ୍ତେ ଗରୁଡାରୁଢେ କୋଳାସୁର ଭୟଙ୍କରୀ
ସର୍ବ ପାପ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ

ସର୍ବଜ୍ଞେ ସର୍ବ ବରଦେ ସର୍ବ ଦୁଷ୍ଟ ଭୟଙ୍କରୀ
ସର୍ବ ଦୁଖଃ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ସିଦ୍ଧି ବୁଦ୍ଧି ପ୍ରଦେ ଦେବୀ ଭୁକ୍ତି ମୁକ୍ତି ପ୍ରଦାୟିନୀ
ମନ୍ତ୍ର ମୂର୍ତେ ସଦା ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ଆଦ୍ୟନ୍ତରହିତେ ଦେବୀ ଆଦି ଶକ୍ତି ମହେଶ୍ୱରୀ
ଯୋଗଜେ ଯୋଗ ସମ୍ଭୁତେ ମହାଲକ୍ଷ୍ମୀ ନମସ୍ତୁତେ
ସ୍ଥୂଳ ସୂକ୍ଷ୍ମ ମହାରୌଦ୍ରେ ମହାଶକ୍ତି ମହୋଦରେ
ମହାପାପ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ପଦ୍ମାସନେ ସ୍ଥିତେ ଦେବୀ ପରମବ୍ରହ୍ମ ସ୍ୱରୂପିଣୀ
ପରମେଶି ଜଗନ୍ମାତର ମହାଲକ୍ଷ୍ମୀ ନମସ୍ତୁତେ
ଶ୍ୱେତାମ୍ବରଧରେ ଦେବୀ ନାନାଳଙ୍କାର ଭୂଷିତେ
ଜଗତ ସ୍ଥିତେ ଜଗନ୍ମାତର ମହାଲକ୍ଷ୍ମୀ ନମସ୍ତୁତେ

ମହାଲକ୍ଷ୍ମୀ ଅଷ୍ଟକମ ସ୍ତୋତ୍ରମ ଯଃ ପଠେତ୍ ଭକ୍ତିମାନ୍ ନରଃ
ସର୍ବ ସିଦ୍ଧି ମବାପ୍ନୋତି ରାଜ୍ୟମ୍ ପ୍ରାପ୍ନୋତି ସର୍ବଦା
ଏକକାଳମ୍ ପଠେନ୍ ନିତ୍ୟମ୍ ମହା ପାପ ବିନାଶନମ୍
ଦ୍ୱିକାଳମ୍ ଯଃ ପଠେନ୍ନିତ୍ୟମ ଧନ ଧାନ୍ୟ ସମନ୍ୱିତଃ
ତ୍ରିକାଳମ୍ ଯଃ ପଠେନ୍ନିତ୍ୟମ ମହାଶତ୍ରୁ ବିନାଶନମ୍
ମହାଲକ୍ଷ୍ମୀର୍ଭବେନ୍ ନିତ୍ୟମ୍ ପ୍ରସନ୍ନା ବରଦା ଶୁଭା

## ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକଂ

*(ଶଙ୍କରାଚାର୍ଯ୍ୟ)*

କଦାଚିତ୍ କାଳିନ୍ଦୀ ତଟବିପିନ ସଙ୍ଗିତ କରବୌ
ମୁଦାଭିରି ନାରୀ ବଦନ କମଳା ସ୍ୱାଦ ମଧୂପଃ
ରମା ଶମ୍ଭୁ ବ୍ରହ୍ମା ମରପତି ଗଣେଶାର୍ଚ୍ଚିତପଦୌ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୧॥

ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପିଚ୍ଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ କି ଦଧତେ
ସଦାଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା ପରିଚୟୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୨॥

ମହାମ୍ଭୋଧେସ୍ତୀରେ କନକ ରୁଚିରେ ନୀଳଶିଖରେ
ବସନ ପ୍ରାସାଦାନ୍ତଃ ସହଜ ବଳଭଦ୍ରେଣ ବଳିନା
ସୁଭଦ୍ରା ମଧ୍ୟସ୍ଥଃ ସକଳ ସୁରସେବା ବସରଦୌ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୩॥

କୃପା ପାରାବାରଃ ସଜଳଜଳଦ ଶ୍ରେଣୀ ରୁଚିରୋ
ରମା ବାଣୀ ରାମଃ ସ୍ଫୁରଦମଳ ପଙ୍କେରୁହମୁଖଃ
ସୁରେନ୍ଦ୍ରୈରାରାଧ୍ୟ ଶୃତିଗଣ ସିଖା ଗୀତ ଚରିତୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୪॥

ରଥାରୁଢୋ ଗଚ୍ଛନ୍ ପଥିମିଳିତ ଭୂଦେବ ପଟଳୈଃ
ସ୍ତୁତିପ୍ରାଦୁର୍ଭାବମ୍ ପ୍ରତିପଦମୁପାକର୍ଣ୍ଣ ସଦୟଃ
ଦୟା ସିନ୍ଧୁର୍ବନ୍ଧୁଃ ସକଳ ଜଗତାଂ ସିନ୍ଧୁ ସୁତୟା
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୫॥

ପରଂବ୍ରହ୍ମା ପୀଡକୁବଳୟ ଦଳତ୍‌ଫୁଲ୍ଲୋଁ ନୟନୋ
ନିବାସୀ ନୀଳଦ୍ରୌ ନୀହିତ ଚରଣୋଅନ୍ତ ଶିରସି
ରସାନନ୍ଦୋ ରାଧା ସରସ ବପୁରାଲିଙ୍ଗନ ସୁଖୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୬॥

ନବୈ ଯାଚେ ରାଜ୍ୟମ ନ ଚ କନକ ମାନିକ୍ୟ ବିଭବଂ
ନ ଯାଚେହମ ରମ୍ୟାଂ ସକଳ ଜନକାମ୍ୟାଂ ବରବଧୂମ୍
ସଦା କାଳେ କାଳେ ପ୍ରମଥ ପତିନା ଗୀତ ଚରିତୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୭॥

ହରତ୍ୱଂ ସଂସାରଂ ଦୃତତରମସାରମ୍ ସୁରପତେ
ହରତ୍ୱଂ ପାପାନାଂ ବିତତି ମପରାଂ ଯାଦବପତେ
ଅହୋ ଦୀନେ ନାଥେ ନିହିତ ଚରଣୋ ନିଶ୍ଚିତ ପଦମ୍
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥୮॥

ଜଗନ୍ନାଥାଷ୍ଟକମ ପୁଣ୍ୟମ ଯଃ ପଠେତ ପ୍ରୟତଃ ଶୁଚିଃ
ସର୍ବ ପାପ ବିଶୁଦ୍ଧାତ୍ମା ବିଷ୍ଣୁଲୋକଂ ସଃ ଗଚ୍ଛତି

॥ଇତି ଶ୍ରୀ ଜଗନ୍ନାଥାଷ୍ଟକଂ ସମ୍ପୂର୍ଣ୍ଣମ୍ ॥

## ଶ୍ରୀ ସରସ୍ୱତୀ-ସ୍ତୁତି

ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।
ଯା ବ୍ରହ୍ମାଚ୍ୟୁତ ଶଂକର ପ୍ରଭୃତିଭିର୍ଦ୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା ॥ ୧॥
ଦୋର୍ଭିର୍ଯୁକ୍ତା ଚତୁର୍ଭିଃ ସ୍ଫଟିକମଣିମୟୀମକ୍ଷମାଳାଂ ଦଧାନା
ହସ୍ତେନୈକେନ ପଦ୍ମଂ ସିତମପି ଚ ଶୁକଂ ପୁସ୍ତକଂ ଚାପରେଣ ।
ଭାସା କୁନ୍ଦେନ୍ଦୁ ଶଂଖସ୍ଫଟିକମଣିନିଭା ଭାସମାନାଽସମାନା
ସା ମେ ବାଗ୍‌ଦେବତେୟଂ ନିବସତୁ ବଦନେ ସର୍ବଦା ସୁପ୍ରସନ୍ନା ॥ ୨॥

ଆଶାସୁ ରାଶୀ ଭବଦଂଗବଲ୍ଲି ଭାସୈବ ଦାସୀକୃତ ଦୁଗ୍‌ଧସିନ୍ଧୁମ୍ ।
ମନ୍ଦସ୍ମିତୈର୍ନିନ୍ଦିତ ଶାରଦେନ୍ଦୁଂ ବନ୍ଦେରବିନ୍ଦାସନ ସୁନ୍ଦରି ତ୍ୱାମ୍ ॥ ୩॥
ଶାରଦା ଶାରଦାମ୍ଭୋଜବଦନା ବଦନାମ୍ବୁଜେ ।
ସର୍ବଦା ସର୍ବଦାସ୍ମାକଂ ସନ୍ନିଧିଂ ସନ୍ନିଧିଂ କ୍ରିୟାତ୍ ॥ ୪॥
ସରସ୍ୱତୀଂ ଚ ତାଂ ନୌମି ବାଗଧିଷ୍ଠାତୃ ଦେବତାମ୍ ।
ଦେବତ୍ୱଂ ପ୍ରତିପଦ୍ୟନ୍ତେ ଯଦନୁଗ୍ରହତୋ ଜନାଃ ॥ ୫॥
ପାତୁ ନୋ ନିକଷଗ୍ରାବା ମତିହେମ୍ନଃ ସରସ୍ୱତୀ ।
ପ୍ରାଜ୍ଞେତରପରିଚ୍ଛେଦଂ ବଚସୈବ କରୋତି ଯା ॥ ୬॥
ଶୁଦ୍ଧାଂ ବ୍ରହ୍ମବିଚାରସାରପରମା ମାଦ୍ୟାଂଜଗଦ୍‌ବ୍ୟାପିନୀଂ
ବୀଣାପୁସ୍ତକଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍ ।
ହସ୍ତେ ସ୍ଫାଟିକମାଳିକାଂ ବିଦଧତୀଂ ପଦ୍ମାସନେ ସଂସ୍ଥିତାଂ
ବନ୍ଦେ ତାଂ ପରମେଶ୍ୱରୀଂ ଭଗବତୀଂ ବୁଦ୍ଧିପ୍ରଦାଂ ଶାରଦାମ୍ ॥ ୭॥
ବୀଣାଧରେ ବିପୁଳମଂଗଳଦାନଶୀଳେ
ଭକ୍ତାର୍ତ୍ତିନାଶିନି ବିରିଂଚିହରୀଶବନ୍ଦ୍ୟେ ।
କୀର୍ତ୍ତିପ୍ରଦେଖିଳମନୋରଥଦେ ମହାର୍ହେ
ବିଦ୍ୟାପ୍ରଦାୟିନି ସରସ୍ୱତି ନୌମି ନିତ୍ୟମ୍ ॥ ୮॥
ଶ୍ୱେତାବ୍‌ଜପୂର୍ଣ୍ଣ ବିମଳାସନ ସଂସ୍ଥିତେ ହେ
ଶ୍ୱେତାମ୍ବରାବୃତମନୋହରମଂଜୁଗାତ୍ରେ ।
ଉଦ୍ୟନ୍ମନୋଜ୍ଞ ସିତପଂକଜମଂଜୁଳାସ୍ୟେ
ବିଦ୍ୟାପ୍ରଦାୟିନି ସରସ୍ୱତି ନୌମି ନିତ୍ୟମ୍ ॥ ୯॥
ମାତସ୍ତ୍ୱଦୀୟ ପଦପଂକଜ ଭକ୍ତିଯୁକ୍ତା
ଯେ ତ୍ୱାଂ ଭଜନ୍ତି ନିଖିଳାନପରାନ୍‌ବିହାୟ ।
ତେ ନିର୍ଜରତ୍ୱମିହ ଯାନ୍ତି କଳେବରେଣ
ଭୂବହ୍ନି ବାୟୁ ଗଗନାମ୍ବୁବିନିର୍ମିତେନ ॥ ୧୦॥
ମୋହାନ୍ଧକାର ଭରିତେ ହୃଦୟେ ମଦୀୟେ
ମାତଃ ସଦୈବ କୁରୁ ବାସମୁଦାରଭାବେ ।
ସ୍ୱୀୟାଖିଳାବୟବ ନିର୍ମଳସୁପ୍ରଭାଭିଃ
ଶୀଘ୍ରଂ ବିନାଶୟ ମନୋଗତମନ୍ଧକାରମ୍ ॥ ୧୧॥
ବ୍ରହ୍ମା ଜଗତ୍ ସୃଜତି ପାଳୟତୀନ୍ଦିରେଶଃ
ଶମ୍ଭୁର୍ବିନାଶୟତି ଦେବି ତବ ପ୍ରଭାବୈଃ ।
ନ ସ୍ୟାତ୍‌କୃପା ଯଦି ତବ ପ୍ରକଟପ୍ରଭାବେ
ନ ସ୍ୟୁଃ କଥଂଚିଦପି ତେ ନିଜକାର୍ଯ୍ୟଦକ୍ଷାଃ ॥ ୧୨॥
ଲକ୍ଷ୍ମୀର୍ମେଧା ଧରା ପୁଷ୍ଟିର୍ଗୌରୀ ତୁଷ୍ଟିଃ ପ୍ରଭା ଧୃତିଃ ।
ଏତାଭିଃ ପାହି ତନୁଭିରଷ୍ଟଭିର୍ମାଂ ସରସ୍ୱତୀ ॥ ୧୩॥
ସରସ୍ୱତ୍ୟୈ ନମୋ ନିତ୍ୟଂ ଭଦ୍ରକାଳ୍ୟୈ ନମୋ ନମଃ
ବେଦ ବେଦାନ୍ତ ବେଦାଂଗ ବିଦ୍ୟାସ୍ଥାନେଭ୍ୟ ଏବ ଚ ॥ ୧୪॥
ସରସ୍ୱତି ମହାଭାଗେ ବିଦ୍ୟେ କମଳଲୋଚନେ ।
ବିଦ୍ୟାରୂପେ ବିଶାଳାକ୍ଷି ବିଦ୍ୟାଂ ଦେହି ନମୋସ୍ତୁ ତେ ॥ ୧୫॥
ଯଦକ୍ଷର ପଦଭ୍ରଷ୍ଟଂ ମାତ୍ରାହୀନଂ ଚ ଯଦ୍‌ଭବେତ୍ ।
ତତ୍‌ସର୍ବଂ କ୍ଷମ୍ୟତାଂ ଦେବି ପ୍ରସୀଦ ପରମେଶ୍ୱରି ॥ ୧୬॥
॥ ଇତି ଶ୍ରୀସରସ୍ୱତୀ ସ୍ତୋତ୍ରଂ ସଂପୂର୍ଣ୍ଣା॥

## ଶ୍ରୀ ଶ୍ରୀ ବିମଳାଷ୍ଟକମ୍

ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ॥
ସୃଷ୍ଟି-ସ୍ଥିତି-ବିନାଶନମ୍ ଶକ୍ତିଭୁତେ ସନାତନୀ
ଗୁଣାଶ୍ରୟେ ଗୁଣମୟୀ ନାରାୟଣୀ ନମୋସ୍ତୁତେ ॥
ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବସ୍ୟାର୍ତ୍ତିହରେ ଦେବୀ ନାରୟଣୀ ନମୋସ୍ତୁତେ ॥

ଆଦ୍ୟଦେବୀ ପରପ୍ରା ଭଗବତୀ ମାତା କୃପାସାଗରୀ
ବ୍ରହ୍ମାନନ୍ଦପ୍ରଦାୟିନୀ ହରବଧୂଃ ଷଟ୍‌ଚକ୍ରଚକ୍ରେଶ୍ୱରୀ
ମାୟାମୋହମୟୀ ଜନୋଦୟକାରୀ ବ୍ରହ୍ମାଣ୍ଡଭାଣ୍ଡୋଦରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ଉଦ୍ୟତଚନ୍ଦ୍ର ପ୍ରଭାକରୀ ଅଭୟଦା ଶ୍ରୀପାଦପୀଠେଶ୍ୱରୀ
ଦରୁବ୍ରହ୍ମ ବିନୋଦିନୀ ତୁ ତ୍ରିପୁରା ପ୍ରତ୍ୟକ୍ଷମାହେଶ୍ୱରୀ
ଭକ୍ତୋନ୍ମାଦ ପରାୟଣାତି ପରମା ବିଶ୍ୱେଶିମାତେଶ୍ୱରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ହସ୍ତେ ବ୍ୟାଳବଳା ଜୀବୋତ୍ତମ କରା ଚନ୍ଦ୍ରାଂଶୁ ବିମ୍ବାଧରୀ
ପ୍ରାଣକୁମ୍ଭ କରାନ୍ୱିତା ତୁ ଜନନୀ ପ୍ରାଣସ୍ୟ ପ୍ରାଣେଶ୍ୱରୀ
ସର୍ବାନନ୍ଦକରୀ ଦୃଶା ଶୁଭକରୀ ରତ୍ନାଢ୍ୟ ମାଳାଧରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ଆର୍ତ୍ତତ୍ରାଣକରୀ ସଦା ଶିବକରୀ କୈବଲ୍ୟ ଲୋଲୁପିନୀ
ନାନାଚିତ୍ର ବିଚିତ୍ର ଭୂଷଣଧରୀ କାରୁଣ୍ୟ ପୂର୍ଣ୍ଣେଶ୍ୱରୀ
କୌମାରୀ କରୁଣାମୟୀ ତ୍ରିଲହରୀ ନୀଳାଦ୍ରି ଗୃହେଶ୍ୱରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ଲଜ୍ଜାପୁଷ୍ଟିକରୀ ତୁ ଶାନ୍ତିକୁହରୀ କ୍ଷାନ୍ତିପ୍ରଦା ଶଙ୍କରୀ
ଶକ୍ତିଯନ୍ତ୍ର କୁଳେଶ୍ୱରୀ ଶୁଭକରୀ ହ୍ରିଁବୀଜ ମନ୍ତ୍ରାକ୍ଷରୀ
ବିଦ୍ୟାଦାନକରୀ ହରିସହଚରୀ ଯୋଗେଶ୍ୱରୀ ଭ୍ରାମରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ଦରିଦ୍ରାନଳଧ୍ୱଂସିନୀ ଭଗବତୀ ବିଙ୍କ୍ୟାନଦୀପାଙ୍କୁରୀ
ଧତାଶକ୍ତିଧରୀ ମହେଶ ଗୃହିଣୀ କୌମାରୀ ସମ୍ପତ୍‌କରୀ
ଗୋବିନ୍ଦାଙ୍ଗ ବିହାରିଣୀ ଚ ଜନନୀ ଜଙ୍ଘ୍ୟୋଦ୍‌ଭବା ଶୂକରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ଚଣ୍ଡଧ୍ୱଂସକରୀ ମହାନନଧରୀ ଶ୍ରୀକେଶରୀ ଶେଖରୀ
ଭକ୍ତଦୁଖହରୀ ବିମର୍ଦ୍ଦନକରୀ ପ୍ରତ୍ୟକ୍ଷ ବକ୍ରେଶ୍ୱରୀ
ହୂଁକାରୈର୍ବିକଟା କରାଳ ବଦନା କଙ୍କାଳଜୀର୍ଣ୍ଣୋଦରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

କର୍ପୂରାଗୁରୁ କସ୍ତୁରୀ ରୁଚିକରୀ କାଦମ୍ବିନୀ ସୁନ୍ଦରୀ
ନାନାରତ୍ନ ବିମଣ୍ଡିତା ବିଭବଦା ସୌଦାମିନୀ ଶର୍ବରୀ
ଭକ୍ତାନନ୍ଦ ହରୀହ୍ୟରିକ୍ଷୟକରୀ ଧର୍ମାର୍ଥ ଶ୍ରଦ୍ଧାକରୀ
ତ୍ରାହୀ ମାଁ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ ॥

ଇତି ଶ୍ରୀ ପୁରୁଷୋତ୍ତମ ରକ୍ଷିତ ବିରଚିତ ବିମଳାଷ୍ଟକମ ସମ୍ପୂର୍ଣ୍ଣମ୍ ॥

## ଦଶାବତାର

*(ଜୟଦେବ)*

ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍ । ବିହିତବହିତ୍ରଚରିତ୍ରମ ଖେଦମ୍ ॥
କେଶବ ଧୃତ ମୀନଶରୀର ଜୟ ଜଗଦୀଶ ହରେ ॥ ୧॥
କ୍ଷିତିରତିବିପୁଳତରେ ତବ ତିଷ୍ଠତି ପୃଷ୍ଠେ । ଧରଣିଧରଣକିଣ ଚକ୍ର ଗରିଷ୍ଠେ ॥
କେଶବ ଧୃତକଚ୍ଛପରୂପ ଜୟ ଜଗଦୀଶ ହରେ ॥ ୨॥
ବସତି ଦଶନଶିଖରେ ଧରଣୀ ତବ ଲଗ୍ନା । ଶଶିନି କଳଙ୍କକଳେବ ନିମଗ୍ନା ॥
କେଶବ ଧୃତଶୂକରରୂପ ଜୟ ଜଗଦୀଶ ହରେ ॥ ୩॥
ତବ କରକମଳବରେ ନଖମଦ୍ଭୁତଶୃଙ୍ଗମ୍ । ଦଳିତ ହିରଣ୍ୟକଶିପୁ ତନୁ ଭୃଙ୍ଗମ୍ ॥
କେଶବ ଧୃତନରହରିରୂପ ଜୟ ଜଗଦୀଶ ହରେ ॥ ୪॥
ଛଳୟସି ବିକ୍ରମଣେ ବଳିମଦ୍ଭୁତ ବାମନ । ପଦନଖନୀରଜନିତଜନପାବନ ॥
କେଶବ ଧୃତ ବାମନରୂପ ଜୟ ଜଗଦୀଶ ହରେ ॥ ୫॥
କ୍ଷତ୍ରିୟରୁଧିରମୟେ ଜଗଦପଗତପାପମ୍ । ସ୍ନପୟସି ପୟସି ଶମିତଭବତାପମ୍ ॥
କେଶବ ଧୃତଭୃଗୁପତିରୂପ ଜୟ ଜଗଦୀଶ ହରେ ॥ ୬॥
ବିତରସି ଦିକ୍ଷୁ ରଣେ ଦିକ୍‌ପତିକମନୀୟମ୍ । ଦଶମୁଖମୌଳିବଳିଂ ରମଣୀୟଂ ॥
କେଶବ ଧୃତରାମଶରୀର ଜୟ ଜଗଦୀଶ ହରେ ॥ ୭॥
ବହସି ବପୁଶି ବିଶଦେ ବସନଂ ଜଳଦାଭମ୍ । ହଳହତି ଭୀତି ମିଳିତୟମୁନାଭମ୍ ॥
କେଶବ ଧୃତହଳଧରରୂପ ଜୟ ଜଗଦୀଶ ହରେ ॥ ୮॥
ନିନ୍ଦତି ଯଜ୍ଞବିଧେରହହ ଶ୍ରୁତିଜାତମ୍ । ସଦୟହୃଦୟଦର୍ଶିତପଶୁଘାତମ୍ ।
କେଶବ ଧୃତବୁଦ୍ଧଶରୀର ଜୟ ଜଗଦୀଶ ହରେ ୯॥
ମ୍ଳେଚ୍ଛନିବହନିଧନେ କଳୟସି କରବାଳମ୍ । ଧୂମକେତୁମିବ କିମପି କରାଳମ୍ ॥
କେଶବ ଧୃତକଳ୍କୀଶରୀର ଜୟ ଜଗଦୀଶ ହରେ ॥ ୧୦॥
ଶ୍ରୀଜୟଦେବକବେରିଦମୁଦିତମୁଦାରମ୍ । ଶୃଣୁ ସୁଖଦଂ ଶୁଭଦଂ ଭବସାରମ୍
କେଶବ ଧୃତଦଶବିଧରୂପ ଜୟ ଜଗଦୀଶ ହରେ ॥

ବେଦାନୁଦ୍ଧରତେ ଜଗନ୍ନିବହତେ ଭୂଗୋଳମୁଦ୍ ବିଭ୍ରତେ
ଦୈତ୍ୟଂ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ ।
ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟମାତନ୍ୱତେ
ମ୍ଳେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟଂ ନମଃ ॥

## ଆହେ ନୀଳଶଇଳ

*(ସାଲବେଗ)*

ଆହେ ନୀଳଶଇଳ ପ୍ରବଳ ମତ୍ତବାରଣ,
ମୋ ଆରତ ନଳିନୀବନକୁ କର ଦଳନ
ଗଜରାଜ ଚିନ୍ତାକଲା ଥାଇ ଘୋର ଜଳେଣ,
ଚକ୍ରପେଷି ନକ୍ରନାଶି ଉଦ୍ଧାରିଲ ଆପଣ
ଘୋରବନେ ମୃଗୁଣୀକି ପଡିଥିଲା କଷଣ
କେଡେ ବଡ ବିପତ୍ତିରୁ କରିଅଛ ତାରଣ
କୁରୁସଭାତଳେ ଶୁଣି ଦ୍ରୌପଦୀର ଜଣାଣ
କୋଟିବସ୍ତ୍ର ଦେଇ ହେଲେ ଲଜ୍ଜା କଲ ବାରଣ
ରାବଣର ଭାଇ ବିଭୀଷଣ ଗଲା ଶରଣ
ଶରଣ ସମ୍ଭାଳି ତାକୁ ଲଙ୍କେ କଲ ରାଜନ
ପ୍ରହଲ୍ଲାଦ ପିତା ସେ ଯେ ବଡ ଦୁଷ୍ଟ ଦାରୁଣ
ସ୍ତମ୍ଭରୁ ବାହାରି ତାକୁ ବିଦାରିଲ ତକ୍ଷଣ
କହେ ସାଲବେଗ ହୀନ ଜାତିରେ ମୁଁ ଯବନ
ଶ୍ରୀରଙ୍ଗା ଚରଣ ତଳେ କରୁଅଛି ଜଣାଣ

(ସାଲବେଗ ଜଗନ୍ନାଥଙ୍କ ସୁପରିଚିତ ଭକ୍ତ । ଜାତିରେ ଯବନ ହୋଇ ମଧ୍ୟ ପ୍ରଭୁଙ୍କ ପାଇଁ ଅନ୍ତରରେ ଯେଉଁ ବ୍ୟାକୁଳତା ସେ ପ୍ରଦର୍ଶନ କରିଛନ୍ତି ତାହା ଅନନ୍ୟ, ଅତୁଳନୀୟ । ଆଜି ପ୍ରଭୁଙ୍କ ସମ୍ମୁଖରେ ଜଗମୋହନରେ ଭକ୍ତ କଣ୍ଠରୁ ଏ କବିତା ଆବୃତ୍ତି ଶୁଣିଲେ ହୃଦୟ ଆପେ ତଲ୍ଲୀନ ହୋଇଯାଏ । ଧନ୍ୟ ଭକ୍ତକବି , ଧନ୍ୟ ତୁମର ରଚନା ।)

## ଶ୍ରୀ ପୁରୁଷୋତ୍ତମ ଯିବା ମନ

ଶ୍ରୀ ପୁରୁଷୋତ୍ତମ ଯିବା ମନ
ସାଙ୍ଗ ହୋଇଥିବା ପାଞ୍ଚଜଣ
ତୁନି ହୋଇଥିବା କେହି ନ ଜାଣିବେ
ବସି ଭାଳୁଥିବା ମନେ ମନ-ପ୍ରଭୁ ପାଞ୍ଚଜଣ
ଦାଣ୍ଡକୁ ଫିଟିଛି ସିଂହଦ୍ୱାର
ବାଇଶି ପାହାଚ ତଳ କର
କଳ୍ପବଟ ମୂଳେ ଅନନ୍ତଶଯ୍ୟାରେ
ମୁକୁତି ମଣ୍ଡପ ବିମ୍ବାଧର-ପ୍ରଭୁ ଲୟେ କର
ସାଜେଣି ହୋଇଛି ତିନି ରଥ
ପାଟ ପତନି ମଣ୍ଡଣି ନେତ
ସୁବର୍ଣ୍ଣ କଳସ ଉପରେ ଚିରାଳ
ଫରଫର ଉଡେ ବାନା ନେତ-ପ୍ରଭୁ ତିନି ରଥ
ଶରଧା ବାଲିକି ଶୋଭାବନ
ତାଳଧ୍ୱଜରେ କି ବଳରାମ
ରଙ୍ଗ ସଭତଳେ କଂସକୁ ମାଇଲେ
ରାମକୃଷ୍ଣ ଏହି ବେନି ଜନ-ପ୍ରଭୁ ବଳରାମ
ଏହି ଜଗନ୍ନାଥ ଗୋପପୁରେ
ବସ୍ତ୍ରା ରଖିଥିଲେ ନନ୍ଦଘରେ
କଂସର କଟକେ ଅଷ୍ଟମଲାଁ ମାରି
ଗିରି ଟେକିଛନ୍ତି ବାମ କରେ-ପ୍ରଭୁ ଗୋପପୁରେ
ଶ୍ରୀକୃଷ୍ଣ ଚରଣେ ଆଶାକରି
ହୃଦେ ବୋଲୁଥାଇ ହରି ହରି
କହେ ଜଗନ୍ନାଥ ଚରଣେ ଶରଣ
ଆଜ୍ଞାହେଉ ପ୍ରଭୁ ନୀଳଗିରି-ପ୍ରଭୁ ଦେବ ହରି

## ଥକାମନ ଚାଲ ଯିବା

*(ସାରିଆ ଭିକ)*

ଥକାମନ ଚାଲ ଯିବା, ଚକାନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବ(ଘୋଷା)
ବାଟରେ ବାଟମଙ୍ଗଳା, ଦେଖିବା ଅଠରନଳା
ପାଞ୍ଚମନ ଏକମେଳା, ନରେନ୍ଦ୍ର ସ୍ନାନ କରିବା
ପହଞ୍ଚିବା ବଡଦାଣ୍ଡେ, ସେ ରେଣୁ ପାଇବା ତୁଣ୍ଡେ
ଛତାତଳେ ରହି ଦଣ୍ଡେ, ସାଧୁଙ୍କ ସେବା କରିବା
ସିଂହଦ ।ରେ ଭିଡାଭିଡି, ବାଜୁଅଛି ବେତବାଡି
ଠେଲି ଦେଇ ଯିବା ମାଡି, ଧକ୍କା ବାଜିଲେ ସହିବା
ବାଇଶି ପାବଛେ ବିକା, ହେଉଚି କୈବଲ୍ୟ ଚୋଖା
ହାଣ୍ଡିକ ପଡେ ସୀଉକା, ମନରଙ୍କା ଛଡାଇବ
ଗରୁଡ ପଛରେ ଦେଖ, ଦିଶୁଛି କଳା ଶ୍ରୀମୁଖ
କହଇ ସାରିଆ ଭିକ, ବଳରାମଙ୍କୁ କହିବା

(ସପ୍ତାଦଶ ଶତାବ୍ଦୀର ସାରିଆ ଭିକ ଏହି ଗୋଟିଏ ମାତ୍ର ଭଜନକୁ ରଚନା କରି ଓଡିଆ ଭଜନ ସାହିତ୍ୟରେ ସୁପ୍ରସିଦ୍ଧ । ତତ୍କାଳୀନ ପୂରୀର ଦୃଶ୍ୟ ଓ ଭକ୍ତାନୁଚିନ୍ତାର ପରିଚୟ୍ ଏଥିରୁ ମିଳିଯାଉଛି )

## ଜଗବନ୍ଧୁ ପରି ଜଣେ ସାମନ୍ତ

( ଦୀନକୃଷ୍ଣ ଦାସ )

ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତ
ଚଉଦ ଭୁବନ ବାରତା ଜାଣନ୍ତି,
ଚକ୍ରରେ ଛେଦନ୍ତି ଆରତ (ଘୋଷା)
ଯେତେବେଳେ କୃଷ୍ଣ ଗୋପପୁରେ ଥିଲେ,
ଅକ୍ରୁର ଆଣିଣ ଗଲାତ
ଗାଈ ଦୁହୁଁ ଦୁହୁଁ କେଶ ଫିଟିଗଲା,
ଚତୁର୍ଭୁଜ ହେଲେ ଅନନ୍ତ.
ସୁଗ୍ରୀବର ସଙ୍ଗେ ମଇତ୍ର ହୋଇଣ,
ବାଳୀକି ବିନାଶ କଲେ ତ
ରାବଣ ଭ୍ରାତା ଯେ ଶରଣ ପଶିଲା,
ଲଙ୍କାଗଡ ତାକୁ ଦେଲେ ତ
କୁରୁସଭା ତଳେ ଦ୍ରୌପଦୀ ଚିନ୍ତିଲା,
କୋଟି ବସ୍ତ୍ର ଦିଆଇଲେତ
ଭାରତ ଯୁଦ୍ଧରେ ଭରତିୟା ପକ୍ଷୀ,
ଘଣ୍ଟା ଘୋଡାଇ ରଖିଲେ ତ
ଏମନ୍ତ ସାମନ୍ତ ତ୍ରିଭୁବନେ ନାହିଁ,
ନାଶନେ ଆରତୀ ଆରତ
କହେ ଦୀନକୃଷ୍ଣ ଦାସ ଯେ ଶ୍ରୀକୃଷ୍ଣ,
ପଦ୍ମ ପାଦ ଚିତ୍ତେ ଧ୍ୟାୟି ତ

## ଜୟ ଜୟ ଜଗନ୍ନାଥ

( ଦୀନକୃଷ୍ଣ ଦାସ )

ଜୟ ଜୟ ଜଗନ୍ନାଥ ନୀଳଗିରି ପତି
ଅଭିନବ ଜଳଧର ସୁନ୍ଦର ମୂରତି
ସୁସଞ୍ଚ ଠାଣିରେ ଶୋହେ ସୁବର୍ଣର ସୁତା
ଚୂଳରେ ଦୟଣା ଗଭା କସ୍ତୁରୀର ଚିତା ହେ
ତଳ ତଳ ଦିଶଇ ମୁକୁତା କଣ୍ଠିମାଳ
ଶ୍ରବଣ ପୁଟରେ ବେନି ମର୍କତକୁଣ୍ଡଳ ହେ
ନବରତ୍ନ ପଦକ ବେନି ଭୁଜରେ ଭଲା ସାଜେ
ମର୍କତ କଙ୍କଣ ବେନି ଭୁଜରେ ବିରାଜେ ହେ
ଡମ୍ବରୁ ମଝାକୁ ଶୋଭା ଦିବ୍ୟ ଓଡିଆଣୀ
ଶ୍ରୀଅଙ୍ଗେ ଚନ୍ଦ୍ରଚନ୍ଦନ ନେତ୍ର ଚାରିଠାଣି ହେ
ରୂପକୁ ନୁହଇ ଲକ୍ଷ କୋଟିଏ ମଦନ
ରଙ୍ଗ ଅଧରକୁ ଶୋହେ ଡାଳିମ୍ବ ଯେସନ ହେ
କଚଟି ବାହୁଟି ଜେ ବିବିଧ ରତ୍ନ ଜଡି
ଦୟଣାର ଧଣ୍ଡାମାଳ ହୃଦଯାଏଁ ପଡି ହେ
କଳାମୁଖ ଗୋଟିକି ସୁନ୍ଦର ଚକାଡୋଳା
ପଦ୍ମଫୁଲ ଭିତରେ କି ଭୃଙ୍ଗକରେ ଖେଳା ହେ
ଶଙ୍ଖ ଚକ୍ର ଗଦା ପଦ୍ମ ଚତୁର୍ଭୁଜେ ଶୋହେ
କୋଟିଏ କନ୍ଦର୍ପ ରୂପ ତ୍ରିଭୁବନ ମୋହେ ହେ
ଭକତ ଜନ ସଙ୍ଗୀଳି ମୁକତିର ଘର
ଶରଣ ମାଗଇ ଦୀନକୃଷ୍ଣ ଦାସ ଛାର ହେ

## କାହାକୁ ମୁଁ କରିବଇଁ ସାକ୍ଷୀ

*(ସାନନ୍ଦ ଦ୍ୱିଜ)*

କାହାକୁମୁଁ କରିବଇଁ ସାକ୍ଷୀ, ହେ ଚକାଆଖି(ଘୋଷା)
ଡାକିଲେ ନାମ ଆରତେ ନ ଶୁଣ କିମ୍ପା ତୁରିତେ
କି ବିଚାରି ହୃଦଗତେ ନ ଡେର ଶ୍ରବଣ ପଥେ
ଜପି ନାମ କଣ୍ଠ ଗଲା ଶୁଖି ହେ
ମୋ ଶୋଷ ଘଟ ମାତର ତୁମ୍ଭ କୃପା ଅକୂପାର
ରଖିଛ ରଙ୍କ ଉଦର ତୃଷା ନ ହରଇ ମୋର
ହେଉଅଛ ନିଷ୍ଠୁର କାହିଁକି ହେ
ନେବ ବୋଲି କିଛି ଲାଞ୍ଚ, ମନେ କରିଅଚ ପାଞ୍ଚ
ସେ କଥା ମନରୁ ମୁଞ୍ଚ ବଳିଗଲା ମନ ସ ଛ
ଗୋପପୁରେ ପୟ ସର ଚାଖି ହେ
ପାଇ ନାନା ଉପବନ ହେବାରେ ହରଷ ମନ
ଅଳସ କି ଅପଘନ ଘାରିଲା ନିଦାନୟନ
ନ ଆଣୁଛ ସେ କାରଣୁ ନିକି ହେ
କହଇ ସାନନ୍ଦ ଦ୍ୱିଜ ଆହେ ପ୍ରଭୁ ଚତୁର୍ଭୁଜ
ଗଲାଣି କି ପୁର୍ବ ତେଜ ଦୁଃଖୀ ଦୁଃଖ ଯା ନ ବୁଝ
ହୋଇବାରୁ ନୀଳାଚଳେ ସୁଖୀ ହେ

(କବି ହୁଏତ ଅଜ୍ଞାତ ହୋଇପାରନ୍ତି, କିନ୍ତୁ କବିପ୍ରାଣ ସବୁବେଳେ ମୁକୁଳିତ । ସାନନ୍ଦ ଦ୍ୱିଜଙ୍କ ମୁକୁଳା ପ୍ରାଣର ଆବେଗ କବିତାରେ ବେଶ୍ ରୂପାୟିତ ।)

## ପତିତପାବନ ବାନା

*( ଗଜପତି ବୀରକେଶରୀ ଦେବ )*

ପତିତପାବନ ବାନା ଆଉ କେତେ ବେଳକୁ
ଭାସିଗଲିଭବଜଳେ ନାବ ଦିଅ କୂଳକୁ (ପଦ)
ରୋପିବାର ବୃକ୍ଷଗୋଟି କାଟୁଅଛ ମୂଳକୁ
ତିନିପୁରେ ଅପକୀର୍ତ୍ତି ହେବ ଆଦି ମୂଳକ
ଦୂରେ ଥାଇ ଡାକଦେଲେ ଡେରିଥାଅ କର୍ଣ୍ଣକୁ
ନିକଟରେ ନ ଶୁଣିଲେ ମୋ କର୍ମ ଅବଳକୁ
ଲକ୍ଷେ ଯୋଜନରେ ଗଜ ଡାକ ଦେଲା ତୁମ୍ଭଙ୍କୁ
ନକ୍ର ନାଶିବାକୁ ଚକ୍ର ଦେଲେ ପେଷି ଜଳକୁ
ଦ୍ରୌପଦୀ ଯେ ଚିନ୍ତା କଲା ବିବସନ ବେଳକୁ
କୋଟିବସ୍ତ୍ର ଦେଲ ପ୍ରଭୁ ତୁମ୍ଭେ ସେତେ ବେଳକୁ
ନକ୍ଷତ୍ର ଦିହୁଡି ଜଳେ ସନ୍ଧ୍ୟାଦୀପ ବେଳକୁ
ଲମ୍ବିଛି ଦୟଣାମାଳ ପଦ୍ମପାଦ ତଳକୁ
ଯୋଗୀଜନମାନେ ହୃଦେ ଧ୍ୟାଉଛନ୍ତି ଯାହକୁ
ଭଣିଲେ ବୀରକେଶରୀ ଆଶା ପାଦ ତଳକୁ

( ଗଜପତି ବୀରକେଶରୀ ଦେବ ଜଣେ ଅନ୍ତରଙ୍ଗ ଭକ୍ତ । ଏହି ଭକ୍ତିଭାବ ତାଙ୍କର ବହୁ ପଦ୍ୟାବଳୀରେ ପ୍ରକାଶ ପାଇଛି ଏବଂ ଜନମୁଖରେ ତାହା ଆଦୃତ ହୋଇଛି । ଜଗନ୍ନାଥ ଭଜନ ସାହିତ୍ୟରେ ଏଗୁଡିକ ମୂଲ୍ୟବାନ୍ । )

## ଭୁଜତଳେ ମୋତେ ରଖ ମହାବାହୁ

*(ବୀରକେଶରୀ ଦେବ)*

ଭୁଜତଳେ ମୋତେ ରଖ ମହାବାହୁ
ବାହୁ ତଳେ ମୋତେ ରଖ ।
ବିପୁଳ ଭୁଜ ବିସ୍ତାରି ଦେଲେ ଛାର
କି କରି ପାରିବ ଦୁଃଖ (ଘୋଷା)
ସଜ ହୋଇଥିବ ନନ୍ଦୀଘୋଷ ରଥ
ମୁଁ ଥିବି ତୁମ୍ଭ ସେବାରେ
ତୁମ୍ଭେ ଦୀନବନ୍ଧୁ ! ନିର୍ଦ୍ଦୟ ହୋଇଲେ
କି ବୋଲିବେ ଏ ସଂସାରେ
ଏ ଗଜ ରାଜି-କ୍ଷିତି ପତି ସମ୍ପ୍ରତି
ରତିଏ ରୁଚ ଇ ନାହିଁ
ଭୁବନ ମୋହନ ଚକାନୟନକୁ
ଯେତେବେଳେ ଦିଏ ଚାହିଁ ।
ଦିନକୁ ଦିନ ତ ଦୁଃଖ ଅତିରେକ
ସୁଖ ତ ଦିଶଇ ନାହିଁ
ଭାସି ଯାଉଅଛି ଏ ଭବ ସାଗରେ
ରକ୍ଷାକର ଭାବଗ୍ରାହୀ ।
ଶ୍ରୀକ୍ଷେତ୍ର ନବରେ ମହା ଐଶ ର୍ଯ୍ୟରେ
ଥିଲେ ହେଁ କମଳା ସାଇଁ
ବାଇଶି ପାବଛ ନ ଉଠିବା ଯାଏଁ
ଆନନ୍ଦ ନ ପାଏ କାହିଁ ।
ସେବାରୁ ଅନ୍ତର ହେଲି ଯେତେ ପ୍ରଭୁ
ଏ ପ୍ରାଣ ଥିବ କିମ୍ପାଇଁ
ଓହ୍ଲାଇ  ନ ଦିଅ କିମ୍ପା ମୋ ମଥାରୁ
ଜଞ୍ଜାଳ ଭାର ଗୋସାଇଁ ।
ମୁଁ ଛାର ପତିତ ଭରସା ରଖିଛି
ଶ୍ରୀରଙ୍ଗ ଚରଣ ତଳେ
ଶ୍ରୀ ବୀରକେଶରୀ ମହାରାଜା ଭଣେ
ଦୟାକର ଏତେ ବେଳେ ।।

## ମଣିମା ଶୁଣିମା ହେଉ

*(ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା)*

ମଣିମା  ଶୁଣିମା ହେଉ     ଗରୀବ ଡାକ
ନିରକ୍ଷଜନକୁ ରଖ ପଙ୍କଜମୁଖ
କୃପାସାଗର କାହିଁକି     ମୋବେଳକୁ ଗଲ ଶୁଖି
ଜାଣିଲି ମୋ କର୍ମ ବାଙ୍କ ନୁହେଁ ସଳଖ
ଆତଙ୍କ ନାଶନ ବାନା     ନଶୁଣ ଭୃତ୍ୟ ବେଦନା
ଏବେ ହୋଇଯିବ ମନା କେ ଦେବ ଡାକ
ଦାସ ଯେବେ ନାଶ ଯିବ     କ୍ଷିତିରେ ଅକିର୍ତ୍ତି ହେବ
କୀରତି ଚନ୍ଦ୍ରରେ ଲାଗିଯିବ କଳଙ୍କ
କହେ ସଦନନ୍ଦ ଛାର     ନାହିଁ ଆନ ପ୍ରତିକାର
ଏ ଦୀନ ଅବସ୍ଥା ମୋର ନେତ୍ରେ ନ ଦେଖ

(ବୈଷ୍ଣବ କବି ସଦାନନ୍ଦ ବ୍ରହ୍ମା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଦୀକ୍ଷା ଓ ଶିକ୍ଷା ଗୁରୁ ଥିଲେ । ଗଜପତି ବୀରକିଶୋର ଦେବଙ୍କଠାରୁ ସେ ବ୍ରହ୍ମା ଉପାଧି ପାଇଥିଲେ । ଯୁଗଳ ରସାମୃତ ଲହରୀ, ପ୍ରେମ ତରଙ୍ଗିଣୀ, ପ୍ରେମ କଳ୍ପଲତା ଲହରୀ, ବିଶ୍ୱମ୍ଭର ବିହାର ପ୍ରଭୃତି ସେ ରଚନା କରିଛନ୍ତି ।)

## ଦୁଃଖ ନାଶନ ହେ

*(ବନମାଳୀ ଦାସ)*

ଦୁଃଖ ନାଶନ ହେ  ସୁଖ ନ ପାଇଲି ଦିନେ ।
ବେଳୁ ବେଳ ଦୁଃଖ ପ୍ରବଳ ହେଉଛି  ବିଜୁଳି ଯେସନେ ଘନେ
ଅନାଥର ନାଥ ନୀଳଗିରି ନାଥ  ଜଗନ୍ନାଥ ଲକ୍ଷ୍ମୀ ସାଇଁ
ଅରକ୍ଷିତଙ୍କୁ ତ ରଖି ହେଉ ନାହିଁ  ଭବ ଜଳରେ ଭସାଇ
ଆହେ ହରି ! ମୁହିଁ ସହି ତ ନ ପାରି  ଅନ୍ତର ବେଦନା ମାନ
ଯେଣୁ କରି ତୁମ୍ଭେ ଦୟା ନ କଲହେ  ପ୍ରଭୁ ଆତଙ୍କ ନାଶନ
ଏଡେ ନିଷ୍ଠୁର ତ ହେଲେ ମୋହଭଳି  ଦୁଃଖୀଜନ ହୀନ ଠାରେ
ଦୀନ ଜନ ମାନେ ଗୁହାରୀ କରନ୍ତି  ନ ଶୁଣ କି ତୁମ୍ଭେ ବାରେ
ପୋଡୁ ମୋ ଅଦୃଷ୍ଟ ଅନ୍ନବସ୍ତ୍ର କଷ୍ଟ  ଏଡେ ବଡ ପ୍ରଭୁ ଥାଉଁ
ବନମାଳୀ ବୋଲେ ଚଞ୍ଚଳ ମୋ ମନ  ପଦ୍ମପାଦେ ତୁମ୍ଭ ରହୁ

(କବି ବନମାଳୀ ଗଜପତି ବୀରକିଶୋର ଦେବଙ୍କ ସମସାମୟିକ ଥିଲେ । ଓଡିଆ ଭଜନ ସାହିତ୍ୟକୁ କବିଙ୍କର ଦାନ ଅତୁଳନୀୟ । 'ଚାଟ ଇଚ୍ଛାବତୀ' କବିଙ୍କର ଏକ କ୍ଷୁଦ୍ର କାବ୍ୟ । ଜଗନ୍ନାଥ ଓ କୃଷ୍ଣ କବିଙ୍କ ଭାବନାର ଇଷ୍ଟ ଥିଲେ । ହିନ୍ଦୀ ସାହିତ୍ୟର କବି ରସଖାନ୍ ଓ ଓଡିଆ କବି ବନମାଳୀ ସମସାମୟିକ । ଉଭୟ ଉଭୟଙ୍କ ଠାରୁ ବହୁତ ଦୂରରେ ଥିଲେହେଁ ଉଭୟଙ୍କ କବିତାରେ ବହୁତ ସାମଞ୍ଜସ୍ୟ ପରୀଲକ୍ଷିତ ହୁଏ ।)

## ପ୍ରଭୁ କି ସୁନ୍ଦର ଦିଶ

*(କବି ଆର୍ତ୍ତ ଦାସ)*

ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନେ
ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ
ଶଙ୍ଖଚକ୍ର ଗଦାପଦ୍ମ ଦେଖିଣ ହେଲି ଆନନ୍ଦ
ମସ୍ତକେ ପୂର୍ଣ୍ଣିମା ଚାନ୍ଦ ଦିଶେ କେଡେ ଶୋଭାବନ
ମାଳମାନ ଲମ୍ବିଥାଇ ପାଦତଳ ଯାଏଁ ରହି
ବାସନାରେ ଚହଟଇ ପ୍ରଭୁ ତୁମ୍ଭ ଅଙ୍ଗମାନ
କଟିତଟେ ପୀତାମ୍ବର ଲମ୍ବିଥାଇ ପାଟ ଡୋର
ବାଙ୍କ ଚାହାଣି ତୁମ୍ଭର ଅଙ୍ଗେ କର୍ପୂର ଚନ୍ଦନ
ସୁବର୍ଣ୍ଣର ହସ୍ତପାଦ  ନ ଶୁଣ ହେ ଭକ୍ତ ଭେଦ
ଭାବି କହେ ଆର୍ତ୍ତ ଛାର ଭକ୍ତ ଡାକକୁ ନ ଶୁଣ

(କବି ଆର୍ତ୍ତ ଦାସ ବେନ୍ତପଡା ମଠର ଜଣେ ସିଦ୍ଧଯୋଗୀ ଥିଲେ । 'ଗାଦିବ୍ରହ୍ମ' ପ୍ରତିଷ୍ଠାରେ ଉଦ୍ୟମ ଏବଂ ଉତ୍କଳୀୟ ବୈଷ୍ଣବଧର୍ମକୁ ସମର୍ଥନ କବିଙ୍କ ଆଦର୍ଶ ବୋଲି ସଦୃଶ କରାଯାଏ । କବିଙ୍କ ରଚନାରେ ଜାତି ଓ ଜାତିର ଇଷ୍ଟ ଜଗନ୍ନାଥ ମହିମା ପରିସ୍ଫୁଟ ।)

## ପତିତପାବନ ବାନା

*(ଆର୍ତ୍ତ ଦାସ)*

ପତିତପାବନ ବାନା ଆଉ କେତେ ବେଳକୁ
ଭାସିଗଲି ଭବଜଳେ ନାବ ଦିଅ କୂଳକୁ
ଦୂରେ ଥାଇ ଡାକ ଦେଲେ ଡେରିଥାଅ କର୍ଣ୍ଣକୁ
ନିକଟରେ ନଶୁଣିଲ ମୋ କର୍ମ ଅବଳକୁ
ଲକ୍ଷେ ଯୋଜନରେ ଗଜ ଚିନ୍ତାକଲା ପ୍ରଭୁଙ୍କୁ
ଚକ୍ର ପେଶି ନକ୍ରନାଶି ରଖିଲ ତ ଗଜକୁ
ଦ୍ରୌପଦୀ ଯେ ଚିନ୍ତାକଲା ବିବସନ ବେଳକୁ
କୋଟିବସ୍ତ୍ର ଦେଲ ପ୍ରଭୁ ତୁମ୍ଭେ ସେତେ ବେଳକୁ
ରୋପିବାର ବୃକ୍ଷଗୋଟି ଛେଦିଅଛ ମୂଳକୁ
ନିନ୍ଦା ହେବ ନାହିଁ ବାନା ଏ ମହୀ ମଣ୍ଡଳକୁ
ବଡ ଦେଉଳରେ ଅଛ ଦାରୁଭୂତ ହୋଇକି
ଭଣିଲେ ଆରତ ଦାସ ତୁମ୍ଭ ମନେ ନାହିଁକି

## ପତିତ ଜନଙ୍କୁ ଉଦ୍ଧାରିବା ପାଇଁ

*(ନିତ୍ୟାନନ୍ଦ ଦାସ)*

ପତିତ ଜନଙ୍କୁ ଉଦ୍ଧାରିବା ପାଇଁ, ଉଡାଉ ଅଛ ପତାକା ।
ବାହୁ ଟେକି ତୁମ୍ଭେ ବସି ଚାହୁଁ ଚାହୁଁ ବିପତ୍ତି ପଡୁଛି ଡକା ।। ମହାପ୍ରଭୁ !
ନାଶଗଲେ ତୁମ୍ଭେ ପଛେ କି କରିବ, କରୁଣା ଭଣ୍ଡାର ଫେଇ
ଦୁଃଖୀ ଗଲେ ନାଶ ଅର୍ଜିବ କି ଯଶ ପଛେ ଚଉବର୍ଗ ଦେଇ ।। ମହାପ୍ରଭୁ ହେ
ଘୋର ନବଘନ ଥାଉଁ ଯେବେ ଦୀନ ଚାତକ ଜୀବନ ହରାଇବ
ସମୁଦ୍ରେ ବରଷି ଘୋର ଜଳରାଶି ଚାତକ ବନ୍ଧୁକି ବୋଲାଇବ ।।
ମାଳତୀ ବକୁଳ ବିକଚ କମଳ ବନଥିବ ଅଳି ଯିବ ମରି
ପୂର୍ଣ୍ଣ ସୁଧାକର ଅନାଇଁ ଚକୋର ମାଳିକା ଯେବେ ମରିବେ ଝୁରି ।।
କଳ୍ପଲତା ତଳେ ଥାଇ ଯେ ନ ଫଳେ ନିରାଶ ହୋଇବା କେଡେ ଲାଜ
ରତ୍ନାକର ହୋଇ ରତ୍ନ ରଙ୍କ ଯହିଁ ଏକଥା କେମନ୍ତେ ଦେବରାଜ ।।
ଆଉଁ ଗଙ୍ଗାକୂଳେ ପରାଣ ବିକଳେ ତୃଷାରେ ଯେବେ ହାରିବ ପ୍ରାଣ
ଦିନମଣି ଥିବ ଅନ୍ଧାର ହୋଇବ ଏ କଥା ପ୍ରଭୁ ! ମନକୁ ଆଣ ।।
ସାମନ୍ତ ଯେ ଚତୁର୍ବର୍ଗ ଅଧିକାରୀ ଲକ୍ଷ୍ମୀ ପରିଚାରୀ ଥିବେ ହୋଇ
ଏମନ୍ତ ସାମନ୍ତେ ଆଶା କରି ଭୃତ୍ୟ ଭିକ୍ଷା ମଗୁଥିବ ଦୁଃଖ ପାଇ ।।
ଏଥୁ ଅଧିକ କି ଅଛି ଲୋକହସା ଆଉ କି ଅଛି ରହିଲା ପ୍ରଭୁ ଆଣି
ଝମକିଲା ସିଁହ ପ୍ରାୟ ଝମକିବ ବିଅର୍ଥ ଧରିବା ଚକ୍ରପାଣି ।।
ଦୀନବନ୍ଧୁ ବୋଲି ନାମ ଯେ ବହିଛ ଏହା ନ ଚେତ କି ଭାବଗ୍ରାହି
ଏ ନାମ ଏବେ ଏଣିକି ନ ବହିବ ଚକ୍ରପରୁ ନେତ ଥୁଅ ନେଇ ।।
ତେବେ ତୁମ୍ଭକୁ କେ କାହିଁକି କହିବ କର୍ମ ଆଦରି ସହିବ ଦୁଃଖ
ନିରାଶ ଜଳଧି ତୁମ୍ଭ ନାମ ସିଦ୍ଧି ଜଗତରେ ବାଜିଯିବ ଡାକ ।।
ଆଉ ଭୁବନରେ ଠାକୁର ଖୋଜିବା ତୁମ୍ଭ ପରି କେହି ଥିଲେ ଜଣେ
ଦୁଃଖୀ ଲୋକଙ୍କର ଦୁଃଖ ହରୁଥିବେ କୃପା ବିଲୋକନ ନେତ୍ର କୋଣେ ।।
ସୁଦର୍ଶନ ନାମେ ଚକ୍ର ପହିଥିବେ ଟେକି ବାହୁରେ ଦକ୍ଷିଣ କରେ
କହେ ନିତ୍ୟାନନ୍ଦ ଅପରାଧୀ ମନ୍ଦ ମୋହର ଶରଣ ତାଙ୍କଠାରେ ।।

( ପତିତ ଜନଙ୍କୁ ଉଦ୍ଧାରିବ ପାଇଁ - ନିତ୍ୟାନନ୍ଦ ଦାସଙ୍କ ଏ କବିତ ଓ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ସାର୍ଥକ କଣ୍ଠ ଉଭୟର ମିଶ୍ରଣ ଭକ୍ତ ଚିତ୍ତକୁ ତରଙ୍ଗାୟିତ କରିଆସୁଛି । ହୃଦୟର ଅନାବିଳ ଭକ୍ତି ସତେ ଯେପରି ଏ କବିତରେ ବୋଲି ହୋଇ ଯାଇଛି ।)

## କେହି ସରିକି

*(କବିସୂର୍ଯ୍ୟ ବଳଦେବ ରଥ)*

କେହି ସରିକି , ପ୍ରଭୁ ପଣେ ନୀଳାଦ୍ରି କେଶରୀ କି
ଯା' ଠାରେ ପୂରିଛି ଦୁଃଖୀଜନ ଦୟା ନଖ ଠାରୁ ଶିଖର ସରିକି ।।
କି କହିବା ଆଉ ତାଙ୍କ ଶ୍ରୀ ଚରଣ ଅନୁସରଣ ଚାତୁରୀ କି
ବଜାଉ ଅଛନ୍ତି ବିଭୀଷଣ ଆଗେ ଜଗତ ବିଜୟ ତୁରୀ କି ।।
ସାନକୁ ବଡ କରିବାରେ ଉଡାଇ ଅଛନ୍ତି ଧ୍ୱଜ ମଞ୍ଜରୀ କି
ଦେଖ ନାଗ ନର ଗନ୍ଧର୍ବ କିନ୍ନର ଉପରେ ଦୃବ ନଗରୀ କି ।।
କି କହିବି ତାଙ୍କ ପୀରତି କରିବା କୀରତି ଚନ୍ଦ୍ର ମାଧୁରୀ କି
ରଙ୍କ ବିପ୍ରପାଦ ଧୁଆଇ ଯା' ଦେଲେ ରମା କରେ ରତ୍ନ ଝରିକି ।।
କ୍ଷମାସାଗର ହେ ତାହାଙ୍କୁ ଭଜିଲେ କାଳ କିଙ୍କରଙ୍କୁ ଡରିକି
ବୋଲେ କବି ସୂର୍ଯ୍ୟ ଆନ ଉପାୟକୁ ପେଲି ଦିଅ ଗିରି ଦରୀକି ।।

(କବି ବଳଦେବ ରଥ ଯଥାର୍ଥରେ କବିସୂର୍ଯ୍ୟ । ଚମ୍ପୁକାବ୍ୟ ପାଇଁ ସେ ସ୍ମରଣୀୟ । ବହୁ ଜଣାଣ, ଭଜନ ଓ ଚଉତିଶା ମାଧ୍ୟମରେ କବିଙ୍କ ଭକ୍ତିପ୍ରାଣତା ପ୍ରକାଶିତ । 'ବାଧିଲା ଜାଣି କ୍ଷମା କର  ନୋହିଲେ ରମାରମଣ ଦଣ୍ଡେ ଦିଅ ଟାଳି' ପଦ୍ୟରେ କବିଙ୍କର ଜଗନ୍ନାଥଙ୍କ ପ୍ରତି ଅଟୁଟ ବିଶ୍ୱାସ ଓ ଭକ୍ତିର ପରିପ୍ରକାଶ ଘଟିଛି ।)

## କୋଠ ଭୋଗଖିଆ

*(କ୍ଷିରୋଦ ଚନ୍ଦ୍ରପୋଥାଳ)*

କୋଠ ଭୋଗଖିଆ ମୋ ଚକା ଆଖିଆ  ଉଠ ହେ ପହୁଡ ଭାଙ୍ଗି
ପଣ୍ଡା ପଡିଆରୀ କରନ୍ତି ଗୁହାରୀ ହେବାକୁ ଚନ୍ଦନ ଲାଗି ।।
ହେବାକୁ ଚନ୍ଦନ ଲାଗି---
ତୁଳସୀର ମାଳ ଦୟଣାର ଚୂଳ ଧରି ଉଭା ଦେବଦାସୀ
ବଡ ସିଂହାରକୁ ବୁଡା ସିଂହାରୀ ଯେ ଉଭା ହୋଇଲେଣି ଆସି
ମଣିମା ମଣିମା ଡାକ ପଡୁଅଛି ଛାମୁ ଦରଶନ ଲାଗି ।।
ହେବାକୁ ଚନ୍ଦନ ଲାଗି---
ନିଦା ପଥର ହେ ନିଦେକି ଶୋଇଲ ଷାଠିଏ ପଉଟି ଖାଇ
ଅନାଥ ଜନଙ୍କ ଡାକ ନ ଶୁଣୁଛ ଜଗତର ନାଥ ହୋଇ
ଆରତୀ ବେଳ ଯେ ଗଡି ଯାଉଅଛି ଉଠ ହେ ଛପନ ଭୋଗୀ ।।
ହେବାକୁ ଚନ୍ଦନ ଲାଗି---
ପତିତପାବନ ବାନା ଉଡାଉଛ ପତିତ ଉଦ୍ଧାର ପାଇଁ
ମୁଁ ଜଣେ ପତିତ କାନ୍ଦି କାନ୍ଦି ମରେ ମୋ ଡାକ କି ଶୁଭେ ନାହିଁ
ଏତେ ବଡ ପଣ ବହିଅଛ ପ୍ରଭୁ କୁହ ତେବେ କାହାଲାଗି ।।
ଉଠ ହେ----

(ଶ୍ରୀକ୍ଷୀରୋଦ ଚନ୍ଦ୍ର ପୋଥଳଙ୍କ ରଚିତ ଏହି ଗୀତ , ଭଜନ ସମ୍ରାଟ ଭିକାରୀବଳଙ୍କ କଣ୍ଠରୁ କିଏ ବା ନ ଶୁଣିଛନ୍ତି? ଗୀତର ସ୍ୱର ଓ ବଳଙ୍କ କଣ୍ଠର ମାଦକତା - ଭଜନ ଜଗତରେ ଲୋକପ୍ରିୟତାର ଏକମାଇଲ ଖୁଣ୍ଟ )

## ଚକାନୟନଙ୍କୁ ପତିତ କେହି

*(ଚନ୍ଦନ ହଜୁରୀ )*

ଚକାନୟନଙ୍କୁ ପତିତ କେହି    ତକାଇ ଖର ନିଃଶ୍ୱାସ ପକାଇ
ଡକା ପକାଇ ଗରୁଡ ପଚ୍ଛରେ    ବକାରି ମୋ ଆର୍ତ୍ତ ଶୁଣ ସତ୍ତ୍ୱରେ ହେ
ଧକ୍କା ବାଜୁଛି ମହିମା ହେ
ଠକାର କରି କର୍ଣ୍ଣେ ଗିର ନ ଶୁଣ    କାହିଁକି ବିଚିତ୍ର କର୍ମା ହେ ॥

କରି ହରିଣୀ ଦ୍ରୌପଦୀ ବିପତ୍ତି    ହରି କରିଛ ପରା ଡେରି ଶୃତି
ଦରିଦ୍ର ସୁଦାମାକୁ କୋଟି ନିଧି    ପରିପୂର୍ଣ୍ଣେ ଦେଲ କୃପା ବାରିଧି ହେ
ଧରିଯା ମହିମା ଚିତ୍ତେ ହେ
ସରିତ ଯାଉଛି ହରି ! ଆଉ ଥରେ    ନ ଚାହିଁଲ କୃପା ନେତ୍ରେ ହେ ॥

ଆଜାନୁବାହୁ ମୁଁ ପତିତ ଜଣେ    ଅଜାମିଳୁ ବଳି ସହସ୍ର ଗୁଣେ
ଲଜ୍ଜା ହରି ନ ତାରିଲେ ନିକର    ଧ୍ୱଜା ଚକ୍ରରୁ ବହନ ଉତାର ହେ
ମଜ୍ଜାରେ ମୁଁ ଏହା ଭାବେ ହେ
ବଜାଇ ଜୟ ଆର୍ତତ୍ରାଣ  ଡିଣ୍ଡିମ    ହଜାଇ ଦେଉଛ ଏବେ ହେ ॥

ପିତା ମାତା ସେବା ମୋର ବିଭଙ୍ଗ    ଲିତାକୁ ଲିତା ମୋ ଅସତ ସଙ୍ଗ
ଶୀକାରେ ଅବଗାହି ନାହିଁ ଦିନେ    ଗୀତା ଭାଗବତ ନ ଶୁଣେ କର୍ଣ୍ଣେ ହେ
ପୀତାମ୍ବର ଚିତ୍ତେ ଚିନ୍ତି ହେ
କି ତାପ ଚିତ୍ରଗୁପତୁଁ ଚିରାଇବ    ମୋ ଅନ୍ତକାଳେ ଯେମନ୍ତି ହେ ॥

ବଟ ପୁଟ ବାସୀଆରତ ତ୍ରାଣ    ଘଟଘଟ କେ ରହି ସବୁ ଜାଣ
ଖଟନ୍ତି ଯେଉଁ ଚରଣେ କମଳା    ହଟକରି ମୋ ଦୁର୍ଦ୍ଦଶା ନ ଗଲା ହେ
ନଟବର ବେଶ ଧାରୀ ହେ
ଝଟତିରେ ପ୍ରଭୁ ଶୃତି ଡେରି ଶୁଣ    ଏ ଦୀନ ଜନ ଗୁହାରୀ ହେ ।

ପାଣ୍ଡୁ ପ୍ରିୟ ହେ ଦଣ୍ଡୁଛ କି ଦୋଷ    ଦାଣ୍ଡକୁ ଏ କଥା କେମନ୍ତ ଦିଶେ
ଚାଣ୍ଡରେ ମଇତ୍ର ଛଳେ ଆପଣ    କାଣ୍ଡରେ ନେଲେ ବାଳୀର ପ୍ରାଣ ହେ
ତାଣ୍ଡବ ନୃତ୍ୟକାରୀଙ୍କି ହେ
ରାଣ୍ଡ କରିଦେଲେ ବିଷ୍ଣୁକୂଟ ମାୟା    ଲଗାଇ ଦେଇ ଭେଳିକି ହେ ॥

ଆରତ କେହି ନାହିଁ ମୋର ପ୍ରଭୁ    ଆରତ ତ୍ରାଣ ପରିତ୍ରାଣ ସବୁ
ସାରଥି ହୋଇ ପାର୍ଥ ରଥେ ଶ୍ୟାମ    ଭାରତ ଯୁଦ୍ଧେଭରତିଆ ଡିମ ହେ
ସାରା ଘଣ୍ଟା ଘୋଡାଇଣହେ
ମୋର ପିଅର ତ ପରାଣ ରଖିଛ    ରୁହାଇଛ ବଡ ପଣ ହେ ॥

ପକ୍ଷୀହୀନ ଜନ-ରକ୍ଷଣ ବୋଲି    ଲକ୍ଷ୍ମଣ ଅଗ୍ରଜଙ୍କୁ ଆଶ୍ରେ କଲି
ପକ୍ଷ ଦାୟକ ହେ ଲକ୍ଷ୍ମଣ ସୁଖ    ଦକ୍ଷ ପଣେ ରଖିବାରେ ନ ରକ୍ଷ ହେ
ଲକ୍ଷ୍ୟ କେ ତୁମ୍ଭର ଅଛି ହେ
ବିଷ ବିଦାରିଛ ନକ୍ଷେ ହିରଣ୍ୟର ପ୍ରହଲାଁଦ ମାନ ଇଛି ହେ ॥

ଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ    ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନହିଁକି ମଣିମା    ଗଣ୍ଡାକର ଦିଶୁନହିଁ ମହିମା ହେ
ଥଣ୍ଡା କରି କୃପାଜଳ ବୃଷ୍ଟିକର    ମୋ ଚିତ୍ତ ଚାତକ ପାଟି ହେ ॥

ମନ୍ଦର ଧର ନୀଳଗିରି ବାସୀ    କନ୍ଦର ବାସୀ ପ୍ରାୟେ ଅଛ ବସି
କନ୍ଦର ନେତ୍ର ଧାତା ପୁରନ୍ଦର    ବନ୍ଦନା କରନ୍ତି ଯେଉଁ ପୟରେ ହେ
ଛନ୍ଦ ଛାଡ ଦେବରାଜ ହେ
ନନ୍ଦନନ୍ଦନ ଶ୍ରୀ ଚରଣାବିନ୍ଦେ    ଚନ୍ଦନ ହଜୁରୀ ଭଜେ ହେ ॥

(ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ ନିଜର ଜାତିପ୍ରେମ ଓ ବୀରତ୍ୱ ପାଇଁ ଚିରସ୍ମରଣୀୟ । ନିଜେ ସେବକ ହୋଇଥିବାରୁ ପ୍ରଭୁ ଜଗନ୍ନାଥଙ୍କ ପାଇଁ କେତୋଟି ରଚନାରେ ଭକ୍ତି ନିବେଦନ କରିଛନ୍ତି । 'ବଡଶୃଙ୍ଗାର ପଞ୍ଚାଶିକା' ତାଙ୍କର ଅନ୍ୟତମ ରଚନା ।)

## ଆହେ ନୀଳଗିରି

(ସାଲବେଗ)

ଆହେ ନୀଳଗିରି !
ତୁମ୍ଭ ଶ୍ରୀଭୁଜେ ଦୟଣା କେରି କେରି ।

ତୁଳସୀ ଚଉରା ପାଶେ ଜଗି ବସି ଧ୍ୟାଉଛନ୍ତି କେତେ ଯୋଗୀ
ବ୍ୟାଘ୍ରଚର୍ମ ପାତି ସ୍ତୁତି କରୁଛନ୍ତି ଜପୁଛନ୍ତି ନାମ ସଂଖ୍ୟା କରି ॥

ବଡଦାଣ୍ଡ ଦେଖି ହେଲି ତୋଷ ରେଣୁମାତ୍ର ତେଣୁ କଲି ଗ୍ରାସ
କ୍ଷୀର ଖେଚୁଡିରେ ମନ ନ ବୋଧଇ ଟଙ୍କ ତୋରାଣିରେ ମନ ତୋଷ ॥

ସିଂହଦ୍ୱାରେ ବାଜେ ବେତବାଡି ବାଜନ୍ତେ ପାତକ ଯାଏ ଛାଡି
ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତେ ଏକକୁ ଆରକେ ହୁଡାହୁଡି ॥

ବାଇଶି ପାବଛେ ଗଲି ସୁଖେ କୈବଲ୍ୟ ପସରା ବେନି ପାଶେ
ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ ॥

ରୋହିଣୀ ପାଦୁକା କୁଣ୍ଡରଜ ସିଂହମାଡି ବସିଅଛ ଗଜ
ସତେ କି ଏ ନେତ୍ର ସଫଳ ହୋଇବ କାକ ପଡି ହେଲା ଚତୁର୍ଭୁଜ ॥

ଗରୁଡ ପଛରେ ରହି ଦେଖ କି ଶୋଭା ପାଉଛି ପଦ୍ମମୁଖ
ହୀରା ନୀଳା ମୋତି ମାଣିକ୍ୟ ଜଳୁଛି ହୃଦେ ଲମ୍ବିଅଛି ବ୍ୟାଘ୍ରନଖ ॥

## ଚନ୍ଦନ ଲାଗି ସମୟେ

(ଶ୍ରୀ ଚନ୍ଦନ )

ଚନ୍ଦନ ଲାଗି ସମୟେ ଚିନ୍ତ ଚିନ୍ତା ମଣିଙ୍କି

ସୁବେଶର ଲାଗି ଶେଷ ଲାଗି ହୋଇ ଝୀନବାସ
କଟୀରେ ସୁବର୍ଣ୍ଣ ଝୁଂପ ଆହା କେଡେ ଠାଣିକି ॥
ତିନିବାଡେ ତିନିଲୋକ ସେବକ ପଶୁପାଳକ
ରତ୍ନ ସିଂହାସନେ ଉଭା ଯୋଡି ବେନି ପାଣିକି ॥।
ଚନ୍ଦନ ସଂସ୍କାର ସାରି ପ୍ରଭୁ ଅଙ୍ଗେ ଲାଗିକରି
ହରି ଭଦ୍ରା ସୁଦର୍ଶନ କମଳା ଧରଣୀଙ୍କି ॥
ହଡପ ନାୟକ ରହି ବିଡିଆ ପତ୍ରକୁ ବହି
କରାଇ ମଣୋହିଁ ତହିଁ କମ୍ବୁ ଚକ୍ରପାଣି କି ॥
ଡାକଇ ଖୁଣ୍ଟିଆ ଦ୍ୱିଜ ମଣିମା ଭୋ ଦେବରାଜ
ଅଖିଳ ବ୍ରହ୍ମାଣ୍ଡ ନାଥ ପ୍ରଭୁ ମନ ଜାଣିକି ॥
ନିଜ ନିଜ ଗୁଣାବଳୀ ବୀଣାନାଦେ କୁତୂହଳି
ପଳାଇ ଦୂରିତ ପାପ ହରି ଧ୍ୱନୀ ଶୁଣିକି ॥
ସେ କାଳେ କଳାଶ୍ରୀମୁଖ ଶୁଣନ୍ତି ସକଳ ଦୁଃଖ
ଦର୍ଶନେ ପ୍ରଶନ୍ନ ହୋଇ ରଖ ଦୁଃଖୀ ଶ୍ରେଣୀକି ॥
ଆର୍ତ୍ତେ ଶ୍ରୀଚନ୍ଦନ ଭାଷେ ଚିନ୍ତାମଣି ମଧ୍ୟେ ଭାସେ
କରୁଣା ନାବେ ବସାଇ କୂଳେ ରଖ ଆଣିକି ॥

(ଷୋଡଶ ଶତାବ୍ଦୀର କବି ଶ୍ରୀଚନ୍ଦନ ଜଣେ ପରମ ଭକ୍ତ । ମହାପ୍ରଭୁଙ୍କ ଚନ୍ଦନଲାଗି ବେଳର ଏକ ଦୃଶ୍ୟ ଉକ୍ତ କବିତାରେ ନିଖୁଣ ଭାବରେ ବର୍ଣ୍ଣିତ । )

## ଚକାଡୋଳା ଚିକ୍କଣ କଳା

*(ଭରତ ଦାସ)*

ଚକାଡୋଳା ଚିକ୍କଣ କଳା ଚଉବର୍ଗ ଦାନୀ ନନ୍ଦର ବଳା ।
ଚାହିଁବା ମାତ୍ରକେ ଦୁରିତ ପଳାଏ ଶୋରିଷ ନ ରହେ ସଂସାର ଜ୍ୱାଳା ।।

ଚମତ୍କାର ବେଶ ପ୍ରଭୁ ହୃଷିକେଶ ଚରଣ ଚାପନ୍ତି ଯାର କମଳା ।
ଚଉଦ ବ୍ରହ୍ମାଣ୍ଡ ଯା'କର ବଲ୍ଲଭ ଚମ୍ପା ଦୟିଣିଆ ଭାବଭୋଳା ।।

ଚାରିଧାମେ ସାର ଶ୍ରୀପୁରୁଷୋତ୍ତମ କ୍ଷେତ୍ରବର ନାମେ ଯେବଣ ଖଳା ।
ଚଟକ ନୀଳକନ୍ଦର ମୃଗପତି ଭଲା ଭିଆଇଲେ ଭକତ ମେଳା ।।

ଚଡି ନନ୍ଦିଘୋଷ ଅତ୍ୟନ୍ତ ଉଲ୍ଲା ସେଲଗାନ୍ତିଟି ରଥ ଉତ୍ସବ ଲୀଳା ।
ଚନ୍ଦନପାଟି କି ମନୋହର ଦିଶେ ଅଳକ ଆବଳି କୁଣ୍ଡଳ ଖେଳା ।।

ଚତୁର୍ଦ୍ଧାମୂରତି ଜଗତର ପତି ଚତୁର ସାମନ୍ତ ସେ କଳା ଧଳା ।
ଚିତ୍ତ ରଞ୍ଜନିଆ ଗର୍ବ ଗଞ୍ଜନିଆ ଚରଣେ ଭରତ ମତ୍ତ ବତ୍ସଳା ।।

( କବି ଭରତ ଦାସ 'ଚକାଡୋଳା ଚିକ୍କଣ କଳା' ଏବଂ 'କଳାକୃଷ୍ଣ କମଳ ଆଖି ' ପରି ଭଜନ କେତୋଟି ପାଇଁ ଆଜି ଭକ୍ତର ପରମ ପ୍ରିୟ ଅଟନ୍ତି । )

## ଜଗବନ୍ଧୁ ରଥାଙ୍ଗ ପାଣି

*(ହରେକୃଷ୍ଣ ସିଂହ ଯୁବରାଜ)*

ଜଗବନ୍ଧୁ ରଥାଙ୍ଗ ପାଣି ରତ୍ନ ସିଂହାସନ ମଉଡମଣି ।।
ମହୋଦଧି ତୀରେ ଶ୍ରୀ ନୀଳ କନ୍ଦରେ
ସଙ୍ଗେଘେନି ରଙ୍ଗେ ଭାଇ ଭଉଣୀ ।।
କରିଛ ବିଜୟ ପ୍ରଭୁ ଦୟାମୟ
କୋଟି ମତ୍ତ ସିଂହ ବିକ୍ରମ ଠାଣି ।।
ପତିତଙ୍କ ହିତେ ଅନୁରାଗ ଚିତ୍ତେ
ହସାଉଛ ଜଗତ ପ୍ରାଣୀ ।।
ଅତି ମନୋହର ବେଶ ନଟବର
ଚକାନୟନରେ ମୃଦୁ ଚାହାଣୀ ।।
ଅପୂର୍ବ ମୂରତୀ ପଦ୍ମାଳୟା ପତି
ଅଗତିଙ୍କ ଗତି ବିଶ୍ୱ ବିନ୍ଧାଣୀ ।।
ପାତକୀ ମାନଙ୍କ ଅଶେଷ ପାତକ
ପକାଉଛ ଚକ୍ର ଦାଡରେ ହାଣି ।।
ଆହେ ଆର୍ତ୍ତତ୍ରାଣ ଗରୁଡ ଆସନ
ମୁଁ କି ଜଣାଇବି ନ ସ୍ଫୁରେ ବାଣୀ ।।
ହରେକୃଷ୍ଣ ସିଂହ ଯୁବରାଜା ଲୋହ
ହୃଦୟ ଦବାଇ ନବାକୁ ପାଣି ।।

(କବି ହରେକୃଷ୍ଣଙ୍କ ସମ୍ପର୍କରେ ସବିଶେଷ ଆଲୋଚନା ଦୃଷ୍ଟିଗୋଚର ହୁଏ ନାହିଁ । କବିଙ୍କ ଭକ୍ତି ପ୍ରାଣତା ଉପସ୍ଥିତ କବିତାରେ ସ୍ପଷ୍ଟ ପ୍ରକାଶିତ ।)

## ଦୟାକର ଦୀନବନ୍ଧୁ

*(ରାମକୃଷ୍ଣ ପଟ୍ଟନାୟକ କବିଚନ୍ଦ୍ର )*

ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜ ଦିନ
କରଯୋଡି ତୁମ୍ଭ ପାଦେ କରୁଅଛି ନିବେଦନ ।।
ଅନାଦି ଅନନ୍ତ ହରି କ୍ଷୀର ସାଗର ବିହାରୀ
ଲକ୍ଷ୍ମୀଦେବୀ ମନୋହାରୀ ପ୍ରଭୁ ପତିତପାବନ ।।
ମନ୍ତ୍ର ଶାନ୍ତି ପ୍ରଦାୟକ ଦୁଷ୍ଟ ଶାସ୍ତି ବିଧାୟକ
ରୁକ୍ମିଣୀ ପ୍ରାଣନାୟକ ଜଗତ ଜନ ବନ୍ଦନ ।।
ଜଗଜ୍ଜନ ହିତକାରୀ ଦଶ ଅବତାର ଧାରୀ
ମଧୁସୂଦନ ମୁରାରି କାଳୀୟ ଦର୍ପ ଗଞ୍ଜନ ।।
ଯେଣେ ଚକ୍ଷୁ ପଡେ ନାହିଁ ତୁମ୍ଭ କୀର୍ତ୍ତି ବିରାଜଇ
ଭାବି ଚିତ୍ତ ପୁଲକଇ ହେ ଭକ୍ତ ହୃଦ ଚନ୍ଦନ ।।
ତୁମ୍ଭେ ଧ୍ୟାନ ତୁମ୍ଭେ ଜ୍ଞାନ ମୁକ୍ତି ଦାତା ଭଗବାନ
ତୁମ୍ଭ ବିନୁ ନାହିଁ ଆନ କଳ କଳୁଷ ନାଶନ ।।
ତୁମ୍ଭେ ଏ ସଂସାରେ ସାର ଆଉ ସବୁ ମାୟା ଘୋର
କୃତାନ୍ତ ଭୟୁ ଉଦ୍ଧର କହେ ରାମକୃଷ୍ଣ ହୀନ ।।

(ରାମକୃଷ୍ଣ ପଟ୍ଟନାୟକ କବିଚନ୍ଦ୍ରଙ୍କ ପ୍ରାତଃସ୍ମରଣାତ୍ମକ ଏହି ଭଜନ ବିଭୁଚେତନା ସହ ଦୈନିକଜୀବନରେ ଆତ୍ମବଳ ପ୍ରଦାୟକ ।)

## ପ୍ରଭୁ ନୀଳାଦ୍ରିବିହାରୀ

*(ଦିବ୍ୟସିଂହ ଦେବ)*

ପ୍ରଭୁ ନୀଳାଦ୍ରିବିହାରୀ
କଟକେ ଅଟକେ ହେବାରୁ ମୋ ମନ ସରୁ ନାହିଁ ଝୁରି ଝୁରି ।।

ମହାବଳିଆର ଭୁଜ ଦେବରାଜ ସୁଦର୍ଶନ ଚକ୍ରଧାରୀ
ଏମହା ବିପଦୁଁ ଉଦ୍ଧାରିଲ ନାହିଁ ନ ଶୁଣିଲ ମୋ ଗୁହାରୀ ।।
କନ୍ଦିରୁ ଅଣାଇ ବନ୍ଦୀ କରାଇଲ ଶ୍ରୀ ନନ୍ଦିଘୋଷ ବିହାରୀ
ଛନ୍ଦି କରଦ୍ୱୟ ଦେଖାଉଛି ଭୟ ଦ୍ୱନ୍ଦୀ ବିଜାତି ପାହାରୀ ।।
କଳା ଶ୍ରୀବଦନ ଏ ଘୋର କଦନ ବେଳକୁ ବେଳତ ଭାରି
ଧଳା ଅଣ ବାଗ ପାଉନାହିଁ କିବା ଲୋଡି ଲୋଡି ଦଇତାରୀ ।।
କେତେ କାହାକୁ ସଙ୍କଟୁ ରଖିନାହିଁ କୃପାନିଧି ଦୁଃଖହାରୀ
ମୋହରି ବେଳକୁ ନିର୍ଦ୍ଦୟ ହୃଦୟ ହୋଇଛ କିସ ବିଚାରି ।।
ସିନ୍ଧୁ ସୂତା ପତି ଅବା ମୋ ବିପତ୍ତି ପ୍ରତାପେ ହେଉଛ ଘାରି
ଦିବ୍ୟସିଂହ ଦେବ କାହାକୁ କହିବ ଆପଣେ ନ କଲେ ପାରି ।।

(ଗଜପତି ଦିବ୍ୟସିଂହ ଦେବ କଳା ପାଣି ଯିବା ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ବନ୍ଦୀଜୀବନ କଟାଇଥିଲେ । ଉକ୍ତ କବିତାରେ କବିଙ୍କର ତତ୍କାଳୀନ ମନସିକ ଭାବ ପ୍ରଭୁଙ୍କ ଠାରେ ଅର୍ପିତ ହୋଇଛି । )

## କୃପାସିନ୍ଧୁ ଦୀନବନ୍ଧୁ

*(ଗୋବିନ୍ଦ ଭଞ୍ଜ)*

କୃପାସିନ୍ଧୁ ଦୀନବନ୍ଧୁ କାହିଁକି କରୁଣା ଊଣା
ମୋହପରି ଦୀନହୀନ ଧରାଧାମେ ନାହିଁ ଶୁଣା ॥
ଭାବି ଯା ନଥିଲି ମନେ ବସଇ ଭବ ଆସନେ
ସୁଖ ସଙ୍ଗେ ଦୁଃଖ ଦେବା
ରୀତି ତ ନ ଥିଲା ଜଣା ॥
ତୃଷାର୍ତ୍ତ ଜନେ ଆଦରେ ଡାକି ବସାଇ ପାଶରେ
ପିଇବା ଆଗୁଁ ଭଣ୍ଡିଲ
ଯାଚି ସୁମଧୁର ପଣା ॥
ବିତରି ସଂସାର ସାର ଫଳକୁ କଲ ଅସାର
ତାର କି ମୋ ଭଗ୍ୟଦୋଷ
ଭାବି ମୁଁ ହେଉଛି ବଣା ॥
ତୁମ୍ଭର ମଙ୍ଗଳ ମୟ ଇଚ୍ଛାରେ ମୁଁ କରି ଲୟ
ନୋହୁଛି ଦୁଃଖିତ ପ୍ରଭୋ !
ପଡି ଏ ବିପଦେ ସିନା ॥
ନୃପତି ସୁତ ଗୋବିନ୍ଦ ଚିନ୍ତଇ ପଦାରବିନ୍ଦ
ହେ ମଧୁହାରୀ ମୁକୁନ୍ଦ
ମୋ ଦୁର୍ଭାଗ୍ୟ କର ଚୂନା ॥

(ଗୋବିନ୍ଦ ଭଞ୍ଜ କେନ୍ଦୁଝରର ରାଜବଂଶର ଯଶସ୍ୱୀ ସନ୍ତାନ । ଶ୍ରୀକ୍ଷେତ୍ର ସହ ସୁସମ୍ପର୍କରେ ଆସି ଜଗନ୍ନାଥଙ୍କ ଭଜନ ପ୍ରତି ସେ ମନ ଦେଇଥିଲେ । ରାଜବଂଶର ଇଷ୍ଟ ଦେବତା ବଳଦେବଜୀ ହୋଇଥିବାରୁ ନୀଳାଦ୍ରି ପ୍ରତି ରାଜପରିବାର ଅନୁରକ୍ତ ଥିଲେ । କବିଙ୍କ ଚରଣ ସୁଧାନିଧି ଓ ରାମଗୀତା ଭକ୍ତିଭାବର ସହ କାବ୍ୟ ପ୍ରତିଭାର ସମନ୍ୱୟ ଅଟେ ।)

## ଅନୁସରିତ

*(କବି ଗୋପାଳକୃଷ୍ଣ)*

ଅନୁସରିତ ପ୍ରଭୁ କାଳଯାକ ଗଲା ସରିତ ।
କଣ ବିତରଣ କଲେ କେତେ ଊଣା ହୁଅନ୍ତା କରୁଣା ସରିତ ॥
ଅଶରଣ-ଜନ-ବନ୍ଧୁ ପଣ ଯଶ ସଂସାରେ ହୋଇଛି ଉଦିତ
ପଥର ହୋଇ ପଥରେ ପଡିଥିଲା ଅହଲ୍ୟାକୁ ଦେଲ ତାରିତ ॥
ପାଞ୍ଚାଳୀକି ଦୁଃଶାସନ ଘଞ୍ଚାଳିଲା ବଞ୍ଚାଇଲ ବାସ ଦେଇ ତ ।
ଘୁଞ୍ଚାଇଲ ନହିଁ ମୋ ଛାର କଦନ ପୋଛାଇଲ ନେତ୍ର ବାରି ତ ॥
କାହିଁଥିଲା ଚକ୍ର କାହିଁଥିଲା ନକ୍ର ପଲକ ପତନ ନୋହୁ ତ
ଛିଡିଗଲା ମଥା ରହିଗଲା କଥା ଡାକିଲା ମାତ୍ରକେ କରୀ ତ ॥
କାଳ କିଙ୍କର ଭୟରେ ଅଜାମିଳ ପୁତ୍ରୋପଚାରରେ ଡାକି ତ
ପରମ ପଦ ପାଇଲା ଆପଣଙ୍କ ନାମ ମହିମା ଏପରି ତ ॥
ନିରୁପାଧି କୃପା କର ବୋଲି ବିଧି ଭବାଦିରେ ଥାଉ କଥିତ
ମୁଁ କଲା ଦୋଷକି ନାଶିଛ କି ବକୀ ବିଷ ପିଆର ତା ଦୁରିତ ॥
ଗୋପାଳକୃଷ୍ଣ କହେ ଜଗନ୍ନଙ୍ଗଳ ଯାହା କରିବ ତୁମ୍ଭ ଚିତ୍ତ
ଆପଣ କୃପାଳୁ ପଣକୁ ବଳି ମୋ ଦୁଷ୍କୃତ ନୁହଇ ଭାରି ତ ॥

(ଗୋପାଳକୃଷ୍ଣ ପଟ୍ଟନାୟକ ଓଡିଶାର ଏକ ବହୁଚର୍ଚ୍ଚିତ କବି । ବୈଷ୍ଣବଧର୍ମାବିଲମ୍ବୀ ହୋଇ ରାଧାକୃଷ୍ଣ ଉପାସନାର ସରଣିରେ ସେ ଗତି କରିଥିଲେ । ଅସଂଖ୍ୟ ଗୀତ ଆଜି ଗୋଟିପୁଅ ନାଚ ତଥା ଭକ୍ତ କଣ୍ଠରେ ନିନାଦିତ ହେଉଛି । ସରଳ ତରଳ ପଦ ମଧ୍ୟରେ ହୃଦୟର ଭାବ ପ୍ରକାଶ କବିଙ୍କର ବୈଶିଷ୍ଟ୍ୟ ।)

## ଦୁଃଖନାଶନ ଗରୁଡାସନ ହରି

*(ଗୌରଚରଣ ଅଧିକାରୀ)*

ଦୁଃଖନାଶନ ଗରୁଡାସନ ହରି ଦୁଃଖ ଜଣାଇବି କାହାକୁ
ଦୀନନାଥ ଥାଉଁ ଅନ୍ଧାର ଘୋତୁଛି ଏ ନିନ୍ଦାଟି ଚଉବାହାକୁ ।।
ଚିନ୍ତାନାବପରେ ବସାଇ କରି ଠେଲି ଦେଲେ ଯେଣୁ ଯାଇଛି ସରି
ରଖ ରଖ ବୋଲି କାହାକୁ ଡାକିବି ଶ୍ରବଣ ତ କଲ ଲୁହାକୁ ।।
ସୁଦାମା ଦାରିଦ୍ର୍ୟ ଭଞ୍ଜନ କାରି ରଖିଛ ପାଣ୍ଡବ କୁରୁ ସଂହାରି
ଜଳର ମଧ୍ୟରେ ଗଜକୁ ରଖିଲ ଛେଦି ପକାଇଲ ଗ୍ରାହକୁ ।।
ଅଜାମିଳ ନାମେ ଯେ ମହାପାପୀ ତରିଗଲା ପୁତ୍ର ନାମକୁ ଜପି
ନାତେକ ମାଇଲା ଶ୍ରୀବସ୍ ବ୍ରାହ୍ମଣ ହୃଦରେ ବହିଲ ତାହାକୁ ।।
ବନର ହରିଣୀ ଚିନ୍ତିବା ମାତ୍ରେ ଧନେ କୃପାକଲ ପରା ସାକ୍ଷାତ
ଅରକ୍ଷିତ ଡାକକୁ ନ ଶୁଣୁଛ ଲଜ୍ଜା ନୋହିବକି ଲକ୍ଷ୍ମୀ ନାହାକୁ ।।
ଯେଉଁ ନାମ ଧରି ପବନସୁତ ଡେଇଁ ସମୁଦ୍ର ଆଣିଲା ସଙ୍କେତ
ଗଉର ଚରଣ ସେପାଦେ ଶରଣ ହରବ୍ରହ୍ମା ଚିନ୍ତେ ଯାହାକୁ ।।

(ଗୌର ଚରଣ ଅଧିକାରୀଙ୍କ କଲମରୁ 'ଗୌରଚରଣ ଗୀତାବଳୀ' ଓ 'ଗୌରହରୀ ଭଜନ ଶତକ' ରୂପବନ୍ତ ହୋଇଛି । ଉକ୍ତ ଭଜନ ଗୁଡିକରେ ଆଡମ୍ବର ଶୂନ୍ୟ ଶୈଳୀରେ ନିଚ୍ଛୁକ ଭକ୍ତ ହୃଦୟ ଭାବ ଫୁଟିଉଠୁଛି ।)

## ସତେକି ଏ ଜୀବଯିବ

*(ଅଚ୍ୟୁତାନନ୍ଦ)*

ସତେ କି ଏ ଜୀବ ଯିବ ବୃନ୍ଦାବନେ ଯାଇ ସ୍ଥାନ ପାଇବ
ହେ ରାଧା ଗୋବିନ୍ଦ
ଏଇ ସୁଦୟା ମୋଠାରେ ଥିବ ।।
ଦିବସେ ମରଣ ହେବ ଯମ ଦଣ୍ଡ ଆଉ ମୋତେ ନ ଦେବ
ହେ ରାଧା ଗୋବିନ୍ଦ
ଏଇ ସୁଦୟା ମୋ ଠାରେ ଥିବ ।।
ବାସି ମଡା ମୁଁ ନ ହୋଇବି ତବ ନାମ ହୃଦେ ଜପୁଣଥିବି
ହେ ରାଧାଗୋବିନ୍ଦ
ଭବ ସାଗରୁ ତରିଣ ଯିବି ।।
ବନ୍ଧୁବାନ୍ଧବ ମୋହରି ଚତୁର୍ପାଶେ ି ବସି ଥିବେଟି ଘେରି
ହେ ରାଧା ଗୋବିନ୍ଦ
ଏଇ ସୁଦୟା ଥିବଟି ହରି ।।

## ଦେଖ ଗୋ ! ରାଧା ମାଧବ ଚାଲି

*(ବନମାଳୀ)*

ଦେଖ ଗୋ! ରାଧା ମାଧବ ଚାଲି
ମଣି ବିମାନ ଆସେ ଝୁଲି ଝୁଲି ॥
ବିବିଧ ବାଜଣା ବୀର କାହାଳୀ
ବିଜେକଲେ ଗୋପଦାଣ୍ଡ ଉଛୁଳି ॥
ସଙ୍ଗତେ ଅଛନ୍ତି ପଞ୍ଚସାଗର
ରାଧିକା ଦୂତିକା ମୂରଲୀଧର ॥
ନରେନ୍ଦ୍ର ସରକୁ କରିଣ ମନ
ଚାପ ଖେଳନ୍ତି ଜଗତ ମୋହନ ॥
ବୋଲେ ବନମାଳୀ ଶ୍ରୀପଦ ଧ୍ୟାୟି
ଚନ୍ଦନ କୁଣ୍ଡେ ପ୍ରବେଶିଲେ ଯାଇଁ ॥

(ଅଷ୍ଟାଦଶ ଶତାବ୍ଦୀର କବି ବନମାଳୀ ଜଣେ ପଦାବଳୀ ଲେଖକ ଭାବରେ ସୁପରିଚିତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରାଗୁଡିକର ପ୍ରତ୍ୟକ୍ଷଦର୍ଶୀ ବର୍ଣ୍ଣନାର ଶୋଭା ଏଠାରେ ଦୁଇଟି କବିତାରେ ଲକ୍ଷ୍ୟ କରିହୁଏ ।)

## ଆହେ ଦୟାମୟ ବିଶ୍ୱ ବିହାରୀ

ଆହେ ଦୟାମୟ ବିଶ୍ୱ ବିହାରୀ ଘେନ ଦୟା ବହି ମୋର ଗୁହାରି ।
ଜଳ, ସ୍ଥଳ, ବନ, ଗିରି, ଆକାଶ ତୁମ ଲୀଳା ସବୁଠାରେ ପ୍ରକାଶ ।
ତୁମେ ଶୁଭ ବୁଦ୍ଧି ପରା ଶିଖାଅ ତୁମେ ଭଲ ବାଟ ପରା ଦେଖାଅ ।
ମୋର କାମକୁ କରାଅ ସରସ ମୋର ମୁଖେ ଦିଅ ଚିର ହରଷ ।
ତୁମ ଚରଣରେ ମୋର ଭକତି ଦିଅ ବିପଦେ ସାହସ ଶକତି ।
କୂଟ କପଟ ସ୍ୱଭାବ ଯାହାର ତାଙ୍କୁ ଦୂରୁଁ ମୁଁ କରଇ ଜୁହାର ।
ମୋତେ ନ ମିଶାଅ ତାଙ୍କ ସାଥିରେ ସଦା ରଖ ସାଧୁଜନ କତିରେ ।
ଦୟା ବିନୟ ହେଉ ମୋ ଭୂଷଣ କାହା ମନେ ନ ଦିଏଁ ମୁଁ କଷଣ ।
ଦୁଃଖୀ ଅରକ୍ଷିତ ସେବା କାରଣେ ବଳ ଦିଅ ମୋର କରଚରଣେ ।
ସତ କହିବାକୁ କିଆଁ ଡରିବି ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ ମୋର ଧନ ଜନ ଲୋଡା ନାହିଁ ହେ ।

odia.org

କବିର କବିତ୍ୱ ଏକ ଐଶ୍ୱରୀକ ଅବଦାନ । ଭକ୍ତଟିଏ କବି ହେଲେ ନିଜ ମାନସପୁତ୍ରୀକୁ ସେହି ଐଶୀଶକ୍ତିଙ୍କୁ ସମର୍ପଣ କରିଦିଏ । ତାକୁ ପଢ଼ି, ଗାଇ ଭାବାବେଗ ହୋଇ ଭକ୍ତପ୍ରାଣ ସେହି ସଚିଦାନନ୍ଦ ଘନ ପରମାତ୍ମାଙ୍କ ଚରଣତଳେ ନିଜକୁ ହଜାଇଦିଏ । ଏହିପରି ଭକ୍ତିଗୀତଗୁଡିକୁ ଓଡିଶା ବାହାରେ ରହୁଥିବା ଓଡିଆ ମାନଙ୍କ ପାଖରେ ପହଞ୍ଚାଇ ଆଦୃତ କରିବା ନିମନ୍ତେ ଏହା ଆମର ଏକ କ୍ଷୁଦ୍ର ପ୍ରଚେଷ୍ଟା ।

ଏହି ପୁସ୍ତକଟିରେ ଭୁଲ୍‌ଭଟକା ଏଡାଇବା ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିଛୁ । କିନ୍ତୁ ଚନ୍ଦ୍ରରେ କଳଙ୍କ ଅଛି ଏବଂ ଗୋଲାପ ଫୁଲରେ କଣ୍ଟା ଅଛି । ଏଣୁ ପୁସ୍ତକଗତ ତ୍ରୁଟି ଗୁଡିକୁ ଦର୍ଶାଇବା ନିମନ୍ତେ ଆମର ଅନୁରୋଧ ।

ଏ ପୁସ୍ତକରେ ପ୍ରତି ପୃଷ୍ଠାରେ ଗୋଟିଏ ବା ଦୁଇଟି ଭଜନ ରହିଛି । ଏଣୁ ପ୍ରତ୍ୟେକକୁ ଗୋଟି ଗୋଟି କରି ବ୍ୟବହାର କରିହେବ । ଭବିଷ୍ୟତରେ ଆମେ ଏ ପୁସ୍ତକଟିର କାୟା ବୃଦ୍ଧି ନିମନ୍ତେ ଆଶା ରଖିଛୁ । ନୂତନ ପୃଷ୍ଠାଗୁଡିକ ଏ ପୁସ୍ତକର ପଛଆଡକୁ ରହିବ । ଏଣୁ ସବୁ ପୃଷ୍ଠାଗୁଡିକୁ ପୁଣି ଛପାଇବାର ଆବଶ୍ୟକତା ପଡିବ ନାହିଁ ।

ଏଣୁ ପାଠକ ପାଠିକାମାନଙ୍କୁ ଏଥିରେ ସ୍ଥାନ ପାଇ ନଥିବା ଭଜନ, ଜଣାଣ, ଛାନ୍ଦ, ଚଉତିଶା ଆଦି ଆମକୁ ପଠାଇବା ନିମନ୍ତେ ଅନୁରୋଧ କରୁଛୁ ।

ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

- ଓଡିଆ ଡଟ୍ ଅର୍ଗ ପରିବାର



ଆସନ୍ତୁ, ପାଦେ ଆଗେଇବା